


## ସଂକ୍ଷେପରେ

### ଜଳିଗଲା ୪ ବଖରା

ବଇଣ୍ଡା,୬।୬(ଡି.ଏନ.ଏ.): କିଶୋରନଗର ବ୍ଲକ ବାମୁର ପଞ୍ଚାୟତ ରଙ୍ଗମାଟିଆ ଗ୍ରାମରେ ଗୁରୁବାର ଅପରାହ୍ଣରେ ଅଗ୍ନିକାଣ୍ଡ ଘଟି ବଳରାମ ଦେହୁରିଙ୍କ ୪ ବଖରା ଜଳିଯାଇଛି। ରୋଷେଇ ନିଆଁରୁ ଅଗ୍ନିକାଣ୍ଡ ଘଟିଥିବା ଅଞ୍ଚଳବାସୀ କହିଛନ୍ତି। ଖବରପାଇ ବାମୁର ଅଗ୍ନିଶମ କର୍ମଚାରୀମାନେ ପହଞ୍ଚି ନିଆଁକୁ ଆୟତ୍ତ କରିଥିଲେ। ଏହି ଅଗ୍ନିକାଣ୍ଡରେ ଲକ୍ଷାଧିକ ଟଙ୍କାର ସମ୍ପତ୍ତି ଜଳିଯାଇଛି। ଫଳରେ ଅଗ୍ନିବିପନ୍ନ ପରିବାର ଖୋଲା ଆକାଶ ତଳେ ପଡ଼ି ରହିଛନ୍ତି। କ୍ଷତିଗ୍ରସ୍ତଙ୍କୁ ତୁରନ୍ତ ସରକାରୀ ସାହାଯ୍ୟ ଯୋଗାଇ ଦେବା ପାଇଁ ଗ୍ରାମବାସୀ ଦାବି କରିଛନ୍ତି।

### ମୁଖ୍ୟମନ୍ତ୍ରୀଙ୍କ ପାଣ୍ଠିକୁ ଫନୀ ସହାୟତା

ଅନୁଗୋଳ ଅଫିସ, ୬।୬- ଅନୁଗୋଳ ଜିଲା ଜନସ୍ୱାସ୍ଥ୍ୟ ବିଭାଗ ଅଧିକାରୀ ଓ କର୍ମଚାରୀଙ୍କ ପକ୍ଷରୁ ଫନୀ ପୀଡ଼ିତଙ୍କ ପାଇଁ ସହାୟତା ପ୍ରଦାନ କରାଯାଇଛି। ମୋଟ୍ ୧୦ ହଜାର ଟଙ୍କା ମୁଖ୍ୟମନ୍ତ୍ରୀଙ୍କ ରିଲିଫ ପାଣ୍ଠିକୁ ଦାନ କରାଯାଇଛି। ଜିଲା ଜନସ୍ୱାସ୍ଥ୍ୟ ଅଧିକାରୀ ଡ. ରାକେଶ କୁମାର ସାହୁ, ସଂକ୍ରାମକ ରୋଗ ବିଜ୍ଞାନୀ ଡ. ବିନୋଦ କୁମାର ସାହୁ, ବହୁମୁଖୀ ସ୍ୱାସ୍ଥ୍ୟ ପରିଦର୍ଶକ ସୁବାସ ଚନ୍ଦ୍ର ବେହେରା, ସୁଧୀର କୁମାର ବେହେରା, ଋଷି କୁମାର ବେହେରା, ଦଣ୍ଡଧର ଗୋଛାୟତ, ଚକ୍ଷୁ ସହାୟିକା କଳ୍ପନା ଜେନା ଓ ପରିସଂଖ୍ୟାନ ସହାୟକ ଗିରିଶ ଚନ୍ଦ୍ର ଦାସ ଗତ ୩୧ରେ ଅନ୍‌ଲାଇନ ମାଧମରେ ଏହା ସହାୟତା ପ୍ରଦାନ କରିଥିବା ସୂଚନା ମିଳିଛି।

■ସୀମାନ୍ତ ଗାଁ ଗାଙ୍ଗିଯୋଡ଼ିକୁ ଅବହେଳାର ଅନ୍ତ ନାହିଁ

# ଘର ଅନୁଗୋଳ, ସ୍କୁଲ ଢେଙ୍କାନାଳ

ବଅଁରପାଳ, ୬।୬ (ଉପେନ୍ଦ୍ର ରାଉତ)



■ରାଜସ୍ୱ ଗ୍ରାମ ସତ୍ତ୍ୱେ ନାହିଁ ଶିକ୍ଷାନୁଷ୍ଠାନ ସୁବିଧା

■ପଡ଼ୋଶୀ ଜିଲାର ବିଦ୍ୟାଳୟରେ ପିଲା ପଢ଼ୁଛନ୍ତି ପାଠ

■ଅସୁବିଧା ଭୋଗୁଥିବାରୁ ପ୍ରଶାସନ ଉପରେ ଲୋକେ ଖପ୍ପା

ସଭିଏଁ ପଢ଼ିବେ। ସେଥିପାଇଁ ସ୍କୁଲ ଶିକ୍ଷାକୁ ବାଧ୍ୟତାମୂଳକ କରିଛନ୍ତି ସରକାର। କିନ୍ତୁ ଶିକ୍ଷାନୁଷ୍ଠାନଟିଏ ନ ଥିଲେ କେମିତି ଏହା ସମ୍ଭବ ହେବ? କିପରି ସାକାର ହେବ ବିଦ୍ୟାଳୟ ଶିକ୍ଷାକୁ ନେଇ ସରକାର ରଖିଥିବା ଏହି ଲକ୍ଷ୍ୟ? ଅନୁଗୋଳ ଜିଲାର ସୀମାନ୍ତରେ ଥିବା ବଅଁରପାଳ ବ୍ଲକ ଗାଙ୍ଗିଯୋଡ଼ି ଗ୍ରାମବାସୀଙ୍କ ମନରେ ଦୀର୍ଘବର୍ଷ ହେଲା ଉଙ୍କି ମାରୁଛି ଏପରି ପ୍ରଶ୍ନ। କାରଣ ଏହି ରାଜସ୍ୱ ଗାଁର ପିଲାମାନଙ୍କ ପାଇଁ ବିଦ୍ୟାଳୟ କି ଅଙ୍ଗନୱାଡିର ସୁବିଧା ନାହିଁ। ବାରମ୍ବାର ଦାବି ସତ୍ତ୍ୱେ ପ୍ରଶାସନ ମଧ୍ୟ ଶୁଣୁନି। ତେଣୁ ସେମାନେ ଅନୁଗୋଳ ଜିଲାର ବାସିନ୍ଦା ହୋଇ ଢେଙ୍କାନାଳ ଜିଲାରେ ଥିବା ପଡ଼ୋଶୀ ଗାଁ ବିଦ୍ୟାଳୟରେ ପିଲାଙ୍କୁ ପଢ଼ାଉଛନ୍ତି। କେବଳ ଶିକ୍ଷା ନୁହେଁ, ରାଜସ୍ୱ ଗ୍ରାମ ହୋଇଥିଲେ ବି ଏଠାରେ ପାଇପ୍ ଜଳର ବ୍ୟବସ୍ଥା ନାହିଁ। ଜମିକୁ ଜଳସେଚନ ସୁବିଧା ନାହିଁ। ଏପରି ଅବହେଳା ପାଇଁ ପ୍ରଶାସନ ଉପରେ ପୂରା ଖପ୍ପା ହୋଇଛନ୍ତି ଗ୍ରାମବାସୀ।

ଗ୍ରାମର ଅନିଲ ବାରିକ, ଉପେନ୍ଦ୍ର ଭୁକ୍ତା ଓ ୱାର୍ଡ ସଭ୍ୟା ତିଳ ଦେହୁରୀଙ୍କ କହିବା ଅନୁଯାୟୀ, ଗଡ଼ସନ୍ତ୍ରୀ ପଞ୍ଚାୟତ ଅଧୀନରେ ରହିଛି ଏହି ରାଜସ୍ୱ ଗ୍ରାମ। ବ୍ଲକ ମହକୁମା ଠାରୁ ଗାଁର ଦୂରତା ମାତ୍ର ୨୦ କିଲୋମିଟର। ହେଲେ ସରକାରୀ ସୁବିଧା ସୁଯୋଗ କ୍ଷେତ୍ରରେ ଗାଙ୍ଗିଯୋଡ଼ି ସମ୍ପୂର୍ଣ୍ଣ ଅବହେଳିତ। ଏଠାରେ ୩ ଶହରୁ ଉର୍ଦ୍ଧ୍ୱ ଲୋକ ବସବାସ କରୁଛନ୍ତି। କିନ୍ତୁ ଜିଲା ପ୍ରଶାସନ ସେମାନଙ୍କୁ ଗୁରୁତ୍ୱ ଦେଉନାହିଁ। ଗାଁରେ ସ୍କୁଲ କିମ୍ବା ଅଙ୍ଗନୱାଡି କେନ୍ଦ୍ରଟିଏ ନାହିଁ। ପାନୀୟ ଜଳ ପାଇଁ ୩ଟି ନଳକୂଅକୁ ଛାଡ଼ିଦେଲେ ପାଇପ୍ ପାଣିର ସୁବିଧା କରାଯାଇନି। ଜଳସେଚନ ପାଇଁ କିଛି ବ୍ୟବସ୍ଥା ନ ଥିବାରୁ ଚାଷୀମାନେ ବର୍ଷା ଉପରେ ସମ୍ପୂର୍ଣ୍ଣ ନିର୍ଭରଶୀଳ। ଡ୍ରେନ୍ ନ ଥିବାରୁ ବର୍ଷା ଜଳ ନିଷ୍କାସନ ହୋଇପାରୁନି। ଏପରି ଅବସ୍ଥାରେ ସର୍ବନିମ୍ନ ସୁବିଧା ସ୍ୱରୂପ ଗାଁରେ ଶିକ୍ଷାନୁଷ୍ଠାନଟିଏ ପାଇଁ ସେମାନେ ବାରମ୍ବାର ଅଭିଯୋଗ କରିଛନ୍ତି। କିନ୍ତୁ ପ୍ରଶାସନର ଅବହେଳାର ଅନ୍ତ ହେଉ ନ ଥିବାରୁ ସେମାନେ ପଡ଼ୋଶୀ ଢେଙ୍କାନାଳ ଜିଲା ହିନ୍ଦୋଳ ସଞ୍ଜପଡ଼ା ଗ୍ରାମରୁ ଉପକୃତ ହେଉଛନ୍ତି। ତେଣୁ ସଞ୍ଜପଡ଼ା ଗ୍ରାମବାସୀଙ୍କ ସହ ଗାଙ୍ଗିଯୋଡ଼ିବାସୀ ଉତ୍ତମ ସମ୍ପର୍କ ସ୍ଥାପନ କରିଛନ୍ତି। ସଞ୍ଜପଡ଼ାରେ ହେଉଥିବା ମେଳା ମହୋତ୍ସବରେ ସେମାନେ ସାମିଲ ହେଉଛନ୍ତି। ଚାନ୍ଦା ମଧ୍ୟ ଦେଉଛନ୍ତି। ସଞ୍ଜପଡ଼ାରେ ଥିବା ପ୍ରାଥମିକ ବିଦ୍ୟାଳୟକୁ ପିଲାମାନଙ୍କୁ ପଢ଼ିବାକୁ ଛାଡୁଛନ୍ତି। ରାଜସ୍ୱ ଗ୍ରାମ ଦୃଷ୍ଟିରୁ ସେମାନେ ସରକାରୀ ସୁବିଧା ସୁଯୋଗ ପାଇବାକୁ ହକ୍‌ଦାର। ମାତ୍ର ଜିଲା ପ୍ରଶାସନ ସେମାନଙ୍କ ସହ ନ୍ୟାୟ କରୁ ନ ଥିବା ଗାଙ୍ଗିଯୋଡ଼ିବାସୀ ଅଭିଯୋଗ କରିଛନ୍ତି।

ଏ ସମ୍ପର୍କରେ ବଅଁରପାଳ ବିଡିଓ ଡ. ସ୍ୱରୂପାନନ୍ଦ ସାହୁଙ୍କ ସହ ଯୋଗାଯୋଗ ସମ୍ଭବ ନ ହେବାରୁ ମତାମତ ମିଳିପାରି ନାହିଁ। ବ୍ଲକ ପଞ୍ଚାୟତ ସମ୍ପ୍ରସାରଣ ଅଧିକାରୀ ରଶ୍ମିରେଖା କହିଛନ୍ତି, ପ୍ରତି ରାଜସ୍ୱ ଗାଁରେ ବିଦ୍ୟାଳୟ ରହିବା କଥା। ଯଦି ଉକ୍ତ ଗ୍ରାମରେ ଶିକ୍ଷାନୁଷ୍ଠାନର କୌଣସି ବ୍ୟବସ୍ଥା ନାହିଁ ତା'ହେଲେ ପ୍ରଶାସନ ସହ ଏ ନେଇ ଆଲୋଚନା କରାଯିବ ବୋଲି ସେ ପ୍ରକାଶ କରିଛନ୍ତି।

## ଟ୍ରକ୍-ବାଇକ୍ ମୁହାଁମୁହିଁ, ଜଣେ ମୃତ



ଛେଣ୍ଡିପଦା, ୬।୬(ସ୍ୱ.ପ୍ର.)

ଅନୁଗୋଳ ଜିଲା ଛେଣ୍ଡିପଦା ଥାନା ୬୩ ନଂ. ରାଜ୍ୟ ରାଜପଥର କୋଶଳା ମେଡିକାଲ ଛକ ନିକଟରେ ଗୁରୁବାର ଏକ ଟ୍ରକ୍ ଓ ବାଇକ୍ ମଧ୍ୟରେ ମୁହାଁମୁହିଁ ଧକ୍କା ହୋଇଛି। ଏଥିରେ ଜଣେ ବାଇକ୍ ଆରୋହୀଙ୍କ ମୃତ୍ୟୁ ଘଟିଥିବାବେଳେ ପଛରେ ବସିଥିବା ଅନ୍ୟ ଜଣେ ଯୁବକ ଗୁରୁତର ହୋଇଛନ୍ତି। ମୃତକ ଜାମୁନାଳି ଗ୍ରାମର ସୌମ୍ୟରଞ୍ଜନ ମାଝି (୨୩) ଓ ଗୁରୁତର ଛେଣ୍ଡିପଦା ଥାନା ବାଲିନାଳି ଗ୍ରାମର ଶିବାନୀ ସାହୁ(୨୧) ବୋଲି ଜଣାପଡିଛି।

ପୋଲିସ ସୂତ୍ରରୁ ପ୍ରକାଶ, ଅପରାହ୍ଣ ୪ଟାରେ ଶିବାନୀ ଓ ସୌମ୍ୟରଞ୍ଜନ ଅନୁଗୋଳରୁ ଘରକୁ ଫେରୁଥିବା ବେଳେ କୋଶଳା ମେଡିକାଲ ଛକ ନିକଟରେ ଛେଣ୍ଡିପଦାରୁ ଅନୁଗୋଳ ଯାଉଥିବା ହାଇୱା ଟ୍ରକ୍ ସହ ସେମାନଙ୍କ ବାଇକ୍‌ର ମୁହାଁମୁହିଁ ଧକ୍କା ହୋଇଥିଲା। ସ୍ଥାନୀୟ ଲୋକେ ଉଭୟଙ୍କୁ ଗୁରୁତର ଅବସ୍ଥାରେ କୋଶଳା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରିଥିଲେ। ଅବସ୍ଥା ସଙ୍କଟାପନ୍ନ ହେବାରୁ ସେମାନଙ୍କୁ ୧୦୮ ଆମ୍ବୁଲାନ୍ସରେ ଅନୁଗୋଳ ଜିଲା ମୁଖ୍ୟ ଚିକିତ୍ସାଳୟକୁ ସ୍ଥାନାନ୍ତର କରାଯାଇଥିଲା। ସେଠାରେ ସୌମ୍ୟରଞ୍ଜନଙ୍କ ମୃତ୍ୟୁ ଘଟିଛି। ପୋଲିସ ଘଟଣାସ୍ଥଳରେ ପହଞ୍ଚି ଟ୍ରକ୍‌କୁ ଜବତ କରିଛି। ଅନ୍ୟପକ୍ଷରେ ରାଜପଥରେ ବାରମ୍ବାର ଏପରି ଦୁର୍ଘଟଣା ଘଟୁଥିବାରୁ ଏହାର ପ୍ରତିକାର ପାଇଁ ସ୍ଥାନୀୟ ଗ୍ରାମବାସୀ ଦାବି କରିଥିଲେ। ରାଜପଥରେ ସକାଳ ୬ଟାରୁ ସନ୍ଧ୍ୟା ୬ଟା ପର୍ଯ୍ୟନ୍ତ ଭାରିଯାନ ଚଳାଚଳ ବନ୍ଦ, ବଜାର ମଧ୍ୟରେ ଯାନବାହନ ଗତି କମ୍ କରାଯିବା, ଗୁରୁତରଙ୍କୁ ସହାୟତା ଯୋଗାଇଦେବା ଦାବିରେ ଲୋକେ ଘଣ୍ଟାଏ ଧରି ରାଜପଥ ଅବରୋଧ କରିଥିଲେ। ଛେଣ୍ଡିପଦା ଥାନା ଅଧିକାରୀ ପ୍ରିୟବ୍ରତ ଦାଶ ଏ ନେଇ ଜିଲା ପ୍ରଶାସନ ସହିତ ଆଲୋଚନା କରି ପଦକ୍ଷେପ ଗ୍ରହଣ କରାଯିବ ବୋଲି ପ୍ରତିଶ୍ରୁତି ଦେବା ପରେ ରାସ୍ତା ଅବରୋଧ ହଟିଥିଲା।




## ପରିବେଶ ସୁରକ୍ଷା ଦିଗରେ ତତ୍ପର ହୁଅନ୍ତୁ ସାମାଜିକ କର୍ମୀ

ବଅଁରପାଳ, ୬।୬ (ଡି.ଏନ୍.ଏ)

ବଅଁରପାଳ ବ୍ଲକ ଅନ୍ତର୍ଗତ ମହୀଧରପୁରଠାରେ ମହୀଧରପୁର ସାମାଜିକକର୍ମୀ ସଙ୍ଗଠନ ପକ୍ଷରୁ ବିଶ୍ୱ ପରିବେଶ ଦିବସ ପାଳିତ ହୋଇଯାଇଛି। ଖମ୍ବେଶ୍ୱରୀଙ୍କ ମନ୍ଦିର ପାର୍ଶ୍ୱରେ ଓ ଗାଁରେ ଥିବା ଗୁଡ଼ିଗାଡ଼ିଆ ପୋଖରୀ କୂଳରେ ଚାରାରୋପଣ କରାଯାଇ କାର୍ଯ୍ୟକ୍ରମର ଶୁଭାରମ୍ଭ ହୋଇଥିଲା। ପରିବେଶ ସୁରକ୍ଷା ଦିଗରେ ସାମାଜିକ କର୍ମୀମାନେ ତତ୍ପର ହେବାକୁ ସଙ୍ଗଠନର କର୍ମକର୍ତ୍ତା ତ୍ରିନାଥ ପ୍ରଧାନ ପରାମର୍ଶ ଦେଇଥିଲେ। ବାୟୁ ପ୍ରଦୂଷଣ ରୋକିବାକୁ ସମସ୍ତ ସାମାଜିକ କର୍ମୀ ଶପଥ ନେଇଥିଲେ। କାର୍ଯ୍ୟକ୍ରମରେ ତ୍ରିନାଥ ପ୍ରଧାନ, ସୌମ୍ୟରଞ୍ଜନ ପ୍ରଧାନ, ଅଭିଶେଷ ସେଠୀ, ସୌମ୍ୟରଞ୍ଜନ ଜେନା, ସଂଗ୍ରାମ ଦେହୁରୀ, ସୁବ୍ରତ ମହାରଣା, ଜ୍ୟୋତିରଞ୍ଜନ ବିଶ୍ୱାଳ, ପ୍ରାଣବନ୍ଧୁ ବାରିକ ପ୍ରମୁଖ ଅଂଶଗ୍ରହଣ କରିଥିଲେ। ପ୍ରତ୍ୟେକ ମାସରେ ବ୍ୟାପକ ଚାରାରୋପଣ ପାଇଁ ସମସ୍ତେ ଶପଥ ନେଇଥିଲେ।



farnazfever.com

## ଗଛ କଟା ଯୋଗୁ ଲୋପ ପାଉଛନ୍ତି ବନ୍ୟପ୍ରାଣୀ




ବିଶ୍ୱ ପରିବେଶ ଦିବସ ପାଳନରେ ସାମିଲ ହୋଇଥିବା ଓଇସ୍କା ଇଣ୍ଟରନ୍ୟାଶନାଲ ଅନୁଗୋଳ ଶାଖା ଓ ବିଶ୍ୱ ଯୁବକେନ୍ଦ୍ରର କାର୍ଯ୍ୟକର୍ତ୍ତାମାନେ।

ବଇଣ୍ଡା, ୬।୬(ଡି.ଏନ.ଏ.)

ସ୍ୱାର୍ଥବାଦୀ ମଣିଷ ସମାଜ ପାଇଁ ସମଗ୍ର ଜୀବଜଗତ ବିପଦରେ ପଡୁଛନ୍ତି। ନିଜ ସ୍ୱାର୍ଥ ହାସଲ ପାଇଁ ମଣିଷ ଗଛ କାଟି ଜଙ୍ଗଲ ପଦା କରୁଛି। ଫଳରେ ବହୁ ପ୍ରଜାତିର ବନ୍ୟପ୍ରାଣୀ ଧୀରେ ଧୀରେ ଲୋପ ପାଇବାକୁ ବସିଥିବା ବେଳେ ପରିବେଶରେ ଉତ୍ତାପ ମଧ୍ୟ ବୃଦ୍ଧି ପାଉଛି। ଭୂତଳ ଜଳସ୍ତର ହ୍ରାସ ପାଉଛି। ଏ ଦିଗରେ ସରକାରଙ୍କ ସଚେତନତା କାର୍ଯ୍ୟକ୍ରମ ଯଥେଷ୍ଟ ହେଉନାହିଁ। ସମସ୍ତେ ସଚେତନ ହୋଇ ଜଙ୍ଗଲକୁ ସୁରକ୍ଷା ଦେବା ସହ ନିଜ ପାଇଁ ଗୋଟିଏ ଲେଖାଏଁ ଗଛ ଲଗାଇଲେ ପରିବେଶ ସୁରକ୍ଷିତ ରହିପାରିବ ବୋଲି ବୁଧବାର କିଶୋରନଗର ବ୍ଲକ ବଣିନାଳୀ ବିଶ୍ୱଯୁବ କେନ୍ଦ୍ର ପରିସରରେ ଓଇସ୍କା ଇଣ୍ଟରନ୍ୟାଶନାଲ (ଅନୁଗୋଳ ଶାଖା) ଓ ବିଶ୍ୱ ଯୁବକେନ୍ଦ୍ର ଆନୁକୂଲ୍ୟରେ ବିଶ୍ୱ ପରିବେଶ ଦିବସ ପାଳନ ଅବସରରେ ଯୋଗ ଦେଇଥିବା ଅତିଥିମାନେ ପ୍ରକାଶ କରିଛନ୍ତି। ଓଇସ୍କା ଇଣ୍ଟରନ୍ୟାଶନାଲ ଅନୁଗୋଳ ଶାଖା ସଭାପତି ଡ. ନନ୍ଦକିଶୋର ମହାକୁଡଙ୍କ ସଭାପତିତ୍ୱରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ଆଠମଲ୍ଲିକ ବନଖଣ୍ଡ ଅଧିକାରୀ ସମ୍ୟକ ସାମନ୍ତରା, ସମ୍ମାନିତ ଅତିଥି ଭାବେ ସହକାରୀ ବନ ସଂରକ୍ଷକ ରାଜେନ୍ଦ୍ର ଗୋଛାୟତ, ଗୌରୀଶଙ୍କର ଦାଶ, ପରିବେଶବିତ୍ ପ୍ରସନ୍ନ ବେହେରା ଯୋଗ ଦେଇଥିଲେ। ଅନ୍ୟତମ ଅତିଥି ଭାବେ ରମେଶ ଚନ୍ଦ୍ର ମିଶ୍ର, ରଜନୀକାନ୍ତ ଦେହୁରୀ, ଗୁଣନିଧି ପ୍ରଧାନ, ଅଧ୍ୟାପକ ସିଦ୍ଧାର୍ଥ ପଣ୍ଡା, କୁମୁଦିନି ବେହେରା, ଡ. ସବିତା ପଟ୍ଟନାୟକ, ତିଳୋତ୍ତମା ନାୟକ, ଚୈତନ୍ୟ ବେହେରା ଯୋଗ ଦେଇଥିଲେ। ବିଶ୍ୱ ଯୁବକେନ୍ଦ୍ରର ନିର୍ଦ୍ଦେଶକ ମନୋଜ କୁମାର ମହାପାତ୍ର ସ୍ୱାଗତ ଭାଷଣ ଦେଇଥିଲେ। ଏଥିରେ ବନ ବିଭାଗର କର୍ମଚାରୀ, ଶିକ୍ଷାବିତ୍, ଛାତ୍ର, ଆଶାକର୍ମୀ, ଅବସରପ୍ରାପ୍ତ କର୍ମଚାରୀ ଉପସ୍ଥିତ ଥିଲେ।

CLASSIFIED DISPLAY

ADMISSION OPEN
INDUSTRIAL SAFETY ENGINEERING
DURATION - ONE YEAR
10TH/10+2/+3, ITI, DIPLOMA/DEGREE
Approved by Bharat Sevak Samaj, Govt. of India
Job opportunities in India & Abroad on Petrochemical Industries, Oil Refinery, Construction Textiles, Shipping Sectors, Industrial Sectors, etc.
EEURO MARITIME ACADEMY
Estd.2000
(ISO 9001 : 2015 CERTIFIED)
166, Soubhagya Nagar, Siripur, Unit-8, Bhubaneswar
logon : www.eeuromaritime.org
Ph.0674-2385773, M:9437114882, 9090366575

SAKTI INSTITUTE OF SCIENCE
— A COMPLETE COACHING CENTER FOR —
+2 Sc. Failed Students 100% Results
IIT-JEE Main & Advanced
MEDICAL (NEET / AIIMS) Entrance
IIT-JAM Entrance
RASULGARH
Plot No.78, Near Central Bank & Bank of India, BBSR
DISTRICT CENTER
Plot No. 210, Nr Acharya Harihara College, Chandrasekharpur, BBSR
ESTD 2006 CELL : 9776508958, 9556353970






## ସଂକ୍ଷେପରେ

### ଗାଡ଼ି ଡ୍ରାଇଭରଙ୍କୁ ଅପହରଣ ଉଦ୍ୟମ
## ୩ ଗିରଫ, ୪ ଫେରାର

**ବଇଣ୍ଡା, ୬।୬(ଡି.ଏନ.ଏ.):** କିଶୋରନଗର ବ୍ଲକ ହଣ୍ଡପା ଥାନା ବୁଦୁଲିମୁଣ୍ଡା ଗ୍ରାମର ଗାଡ଼ି ଡ୍ରାଇଭର ଅଜୟ ବେହେରାଙ୍କୁ ମଙ୍ଗଳବାର ରାତିରେ ଅପହରଣ ଉଦ୍ୟମ କରାଯାଇଥିବା ନେଇ ସ୍ତ୍ରୀ ଅନିତା ବେହେରା ବୁଧବାର ହଣ୍ଡପା ଥାନାରେ ଅଭିଯୋଗ କରିଛନ୍ତି। ଅଭିଯୋଗକୁ ଭିତ୍ତି କରି ପୋଲିସ ନଂ. ୯୫/୧୯ରେ ଏକ ମାମଲା ରୁଜୁ କରିଛି। ଏଥିସହ ଘଟଣାରେ ସମ୍ପୃକ୍ତ ଥିବା ୭ ଜଣଙ୍କ ମଧ୍ୟରୁ ଗୁରୁବାର ୩ ଜଣଙ୍କୁ ଗିରଫ କରିଥିବାବେଳେ ୪ ଜଣ ଫେରାର ହୋଇଯାଇଛନ୍ତି। ଗିରଫ ବ୍ୟକ୍ତିମାନେ ହେଲେ ହଣ୍ଡପା ଥାନା ଚୁଲିଆପୁର ଗ୍ରାମର ଏକାଦଶିଆ ବେହେରା, ଜିତେନ୍ଦ୍ର ବେହେରା, ଜରପଡ଼ା ଥାନା ଭାଗୀରଥିପୁର ଗ୍ରାମର ସୁଦର୍ଶନ ବେହେରା। ସେହିପରି କିଶୋରନଗର ଥାନା ପାଣ୍ଡୁରିପଥର ଗ୍ରାମର ପ୍ରବୀଣ ବେହେରା, ତାପ ବେହେରା, ରେଢ଼ାଖୋଲ ଅଞ୍ଚଳର ସୁଶାନ୍ତ ବେହେରା ଓ ପିଙ୍କୁ ବେହେରା ଫେରାର ହୋଇଯାଇଛନ୍ତି। ଏହି ଘଟଣାରେ ଏକ ବୋଲେରୋ (ନଂ.ଓଡ଼ି୧୯ପି୧୦୫୮)କୁ ପୋଲିସ ଜବତ କରିଛି।

ପୋଲିସ କହିଛି, ଅଜୟ ଡ୍ରାଇଭର ଭାବେ ଏକାଦଶିଆଙ୍କ କାର୍‌କୁ କିଛିମାସ ତଳେ ଚଲାଉଥିଲେ। ତେବେ ଦରମା ଦେଉ ନ ଥିବା ଯୋଗୁ ୨ ମାସ ହେବ କାମ ଛାଡ଼ି ଦେଇଥିଲେ। ମଙ୍ଗଳବାର ଅଜୟ ଘରେ ଥିବାବେଳେ ଏକାଦଶିଆ ଓ ତାଙ୍କ ସହଯୋଗୀମାନେ ଆସି ତାଙ୍କୁ ଅପହରଣ ଉଦ୍ୟମ କରିଥିଲେ। ଅଜୟଙ୍କ ସ୍ତ୍ରୀ ଅନିତା ଏହାର ପ୍ରତିବାଦ କରିବାରୁ ତାଙ୍କୁ ମାଡ଼ ମାରିଥିଲେ। ପରେ ଗ୍ରାମବାସୀ ଆସିବାରୁ ଗାଡ଼ି ଧରି ସମସ୍ତେ ଫେରାର ହୋଇଯାଇଥିଲେ।

## କାର୍ ଓଲଟି ଜଣେ ଆହତ



**ବଅଁରପାଳ, ୬।୬(ଡି.ଏନ.ଏ.):** ନାଲ୍‌କୋ କଲୋନୀର ଅଫିସର କ୍ଲବ ନିକଟରେ ଗୁରୁବାର ଅପରାହ୍ନରେ ଏକ କାର୍ ଓଲଟି ପଡିଛି। ଫଳରେ କାରରେ ବସିଥିବା ୩ ଜଣଙ୍କ ମଧ୍ୟରୁ ଜଣେ ଆହତ ହୋଇଛନ୍ତି। ତାଙ୍କୁ ନିକଟସ୍ଥ ଡାକ୍ତରଖାନାକୁ ନିଆଯାଇଥିଲା। ଟାଉନଶିପ୍‌ରୁ କାରଟି କଲୋନୀ ଆଡକୁ ଆସୁଥିବାବେଳେ କ୍ଲବ ନିକଟରେ ଭାରସାମ୍ୟ ହରାଇ ଓଲଟି ପଡିଥିଲା।

## ୫୦ ଲିଟର ଦେଶୀ ମଦ ଜବତ, ୫ ଗିରଫ



**ଅନୁଗୋଳ ଅଫିସ, ୬।୬:** ଅନୁଗୋଳ ଅବକାରୀ ବିଭାଗ ପକ୍ଷରୁ ନାଲ୍‌କୋ ହଟିଂ ସହ ରଣକଶିଙ୍ଗା ଓ ଶାବଳଭଙ୍ଗାରେ ଗୁରୁବାର ଚଢ଼ାଉ କରାଯାଇ ଦେଶୀ ମଦ ବିକ୍ରି ଅଭିଯୋଗରେ ୫ ଜଣଙ୍କୁ ଗିରଫ କରାଯାଇଛି। ଏଥିସହ ୫୦ ଲିଟର ରନ୍ଧା ମଦ ଜବତ କରାଯାଇଛି। ଗିରଫ ଅଭିଯୁକ୍ତମାନେ ହେଲେ ରାମଚନ୍ଦ୍ର ହାଁସଦା, ପବିତ୍ର ଦାଶ, ଅଜୟ ନାଏକ, ଗଗନ ନାଏକ, ଚିତ୍ରା ବେହେରା। ସମସ୍ତଙ୍କୁ କୋର୍ଟଚାଲାଣ କରାଯାଇଥିବା ଅବକାରୀ ଏସ୍‌ପି ସୁରେଶ ଚନ୍ଦ୍ର ନାୟକ ସୂଚନା ଦେଇଛନ୍ତି।

## ଜମିବାଡ଼ି ବିବାଦକୁ କେନ୍ଦ୍ର କରି ଗଣ୍ଡଗୋଳ

**ଅନୁଗୋଳ ଅଫିସ,୬।୬:** ଅନୁଗୋଳ କୁମୁରିସିଂହାଠାରେ ଜମିବାଡ଼ି ବିବାଦକୁ ନେଇ ୨ ପରିବାର ମଧ୍ୟରେ ଗଣ୍ଡଗୋଳ ହୋଇଛି। ଏ ନେଇ ଅନୁଗୋଳ ଥାନାରେ ଅହଲ୍ୟା ପରିଡ଼ାଙ୍କ ଅଭିଯୋଗକ୍ରମେ ପୋଲିସ ନଂ. ୪୦୬/୧୯ ଏକ ମାମଲା ରୁଜୁ କରି ତଦନ୍ତ ଚଳାଇଛି।

ଅହଲ୍ୟା ଅଭିଯୋଗରେ ଦର୍ଶାଇଛନ୍ତି, ପଡ଼ୋଶୀଙ୍କ ସହିତ ତାଙ୍କର ଜମିବାଡ଼ି ବିବାଦ ରହିଥିଲା। ଏହାକୁ କେନ୍ଦ୍ର କରି ପଡ଼ୋଶୀ ହଜାରି ପରିଡ଼ା, ଦୁଃଖିଆ ପରିଡ଼ା, ଧନେଶ୍ୱର ପରିଡ଼ା, ବୁଦ୍ଧିଆ ପରିଡ଼ା ପ୍ରମୁଖ ତାଙ୍କ ସ୍ୱାମୀ ତ୍ରିଲୋଚନ ପରିଡ଼ାଙ୍କୁ ମାର୍‌ପିଟ୍ କରିଥିବା ସେ ଅଭିଯୋଗ କରିଛନ୍ତି।

### ଆରମ୍ଭ ହେଲା ଯୁକ୍ତ ୨ ନାମ ଲେଖା ପ୍ରକ୍ରିୟା
# ପ୍ରଥମ ଦିନରେ କେହି କଲେନି ଆବେଦନ



ଅନୁଗୋଳ କଲେଜ ନୋଡାଲ ସେଣ୍ଟର ଦାୟିତ୍ୱରେ ଥିବା ଅଧିକାରୀମାନେ।

**ଅନୁଗୋଳ ଅଫିସ, ୬।୬**

ଉଚ୍ଚ ମାଧ୍ୟମିକ ଶିକ୍ଷା ପରିଷଦ ପକ୍ଷରୁ ଗୁରୁବାରଠାରୁ ଯୁକ୍ତ ୨ରେ ନାମ ଲେଖା ପାଇଁ ଆବେଦନ ପ୍ରକ୍ରିୟା ଆରମ୍ଭ ହୋଇଛି। ତେବେ ଅନୁଗୋଳ ଜୁନିୟର କଲେଜରେ ନାମ ଲେଖାଇବା ନିମନ୍ତେ ପ୍ରଥମ ଦିନରେ କୌଣସି ଛାତ୍ରୀଛାତ୍ର ଆବେଦନ କରିନାହାନ୍ତି। ଶୁକ୍ରବାର ଠାରୁ ଛାତ୍ରୀଛାତ୍ରଙ୍କ ଗହଳି ହେବ ବୋଲି ଆଡମିଶନ୍ ଇନ୍‌ଚାର୍ଜ କାହ୍ନୁ ଚରଣ ନାୟକ ସୂଚନା ଦେଇଛନ୍ତି। ଏହି ପ୍ରକ୍ରିୟା ଆସନ୍ତା ୨୧ ତାରିଖରେ ଶେଷ ହେବ।

- ଶୁକ୍ରବାରଠାରୁ ହୋଇପାରେ ଭିଡ଼
- ୨୧ରେ ଶେଷ ହେବ ପ୍ରକ୍ରିୟା
- ଅନ୍‌ଲାଇନରେ ହେବ ଫର୍ମ ପୂରଣ
- ଅନୁଗୋଳ କଲେଜ ନୋଡାଲ ସେଣ୍ଟର

ଅନୁଗୋଳ ସରକାରୀ ସ୍ୱୟଂଶାସିତ ମହାବିଦ୍ୟାଳୟରେ ହୋଇଥିବା ଯୁକ୍ତ ୨ ନୋଡାଲ ସେଣ୍ଟର କାଉଣ୍ଟରରେ ଛାତ୍ରୀଛାତ୍ରମାନେ ସେମାନଙ୍କ ନାମଲେଖା ଫର୍ମ ପୂର୍ବାହ୍ନ ୯ଟାରୁ ମଧ୍ୟାହ୍ନ ୧ଟା ମଧ୍ୟରେ ଜମା କରିପାରିବେ। ୨୧ ତାରିଖ ଅର୍ଥାତ ଆବେଦନର ଶେଷ ତାରିଖରେ ଏହି କାଉଣ୍ଟର ଅପରାହ୍ନ ୫ଟା ପର୍ଯ୍ୟନ୍ତ ଖୋଲା ରହିବ। ଛାତ୍ରୀଛାତ୍ରମାନେ ଅନ୍‌ଲାଇନ୍‌ରୁ ବାହାର କରିଥିବା ଫର୍ମ ସହିତ ନିଜ ମାଟ୍ରିକ ମାର୍କସିଟ୍, ଏନ୍‌ସିସି ସାର୍ଟିଫିକେଟ, ସ୍ପୋର୍ଟ୍ସ ସାର୍ଟିଫିକେଟ୍, ଅନୁସୂଚିତ ଓ ଜନଜାତିର ପ୍ରମାଣପତ୍ର ସଂଯୁକ୍ତ କରି ଉକ୍ତ କାଉଣ୍ଟରରେ ଦାଖଲ କରିବା ପାଇଁ କୁହାଯାଇଛି। ସେହିପରି ଶାରୀରିକ ଅକ୍ଷମ ଥିଲେ ହ୍ୟାଣ୍ଡିକାପ୍ଟ ସାର୍ଟିଫିକେଟ୍, ଏକ୍ସ ସର୍ଭିସମ୍ୟାନ ଓ ସର୍ଭିସ ଡିଫେନ୍ସ ପରସନ୍‌ମାନେ ସେମାନଙ୍କ ପ୍ରମାଣପତ୍ର ଦେବା ପାଇଁ ପରିଷଦ ପକ୍ଷରୁ ନିୟମ ରଖାଯାଇଛି। ଚଳିତବର୍ଷ ଛାତ୍ରୀଛାତ୍ରମାନେ ଅନ୍‌ଲାଇନ୍‌ରେ ଆବେଦନ କରିବେ। ଏପରି କି ସମ୍ପୂର୍ଣ୍ଣ ନାମଲେଖା ଆବେଦନ ସରିବା ପରେ ଟଙ୍କା ମଧ୍ୟ ସେମାନେ ଅନ୍‌ଲାଇନ୍‌ରେ ଦାଖଲ କରିବେ। ଏ ସମ୍ପର୍କିତ ଏକ ଇ-ଆଡମିଶନ୍ ତାଲିମ କାର୍ଯ୍ୟକ୍ରମ ଅନୁଗୋଳ ଜୁନିୟର ମହାବିଦ୍ୟାଳୟରେ ଅନୁଷ୍ଠିତ ହୋଇସାରିଛି। ପୂର୍ବବର୍ଷ ଭଳି ଅଫ୍ ଲାଇନ୍‌ରେ ଛାତ୍ରୀଛାତ୍ରମାନେ ଆବେଦନ କରିପାରିବେ ନାହିଁ। ସାଧାରଣବର୍ଗ ଛାତ୍ରୀଛାତ୍ରଙ୍କ ନାମଲେଖା ପାଇଁ ୩ଶହ ଟଙ୍କା, ଅନୁସୂଚିତ ଜାତି ଓ ଜନଜାତିଙ୍କ ପାଇଁ ୨ଶହ ଟଙ୍କା ଧାର୍ଯ୍ୟ କରାଯାଇଛି। ଶାରୀରିକ ଭିନ୍ନକ୍ଷମ ଓ ତୃତୀୟଲିଙ୍ଗ ହୋଇଥିଲେ କୌଣସି ଦେୟ ପଡ଼ିବ ନାହିଁ ବୋଲି ଉଚ୍ଚ ମାଧ୍ୟମିକ ଶିକ୍ଷା ପରିଷଦ ପକ୍ଷରୁ କୁହାଯାଇଛି। ଛାତ୍ରୀଛାତ୍ରମାନେ ଆବେଦନ ବେଳେ ସମସ୍ତ ଦସ୍ତାବିଜ ଦେବେ। ପଛରେ କୌଣସି ପ୍ରମାଣପତ୍ର କି ଅନ୍ୟ ଦସ୍ତାବିଜ ଗ୍ରହଣ କରାଯିବ ନାହିଁ। ଅନ୍‌ଲାଇନ୍‌ରେ ଥିବା ଆନେକ୍ସଚର-୭ ଫର୍ମକୁ ଠିକ୍ ଭାବେ ବ୍ୟବହାର କରିବାକୁ କୁହାଯାଇଛି। ଛାତ୍ରୀଛାତ୍ରମାନେ ଏହି ଫର୍ମରେ ନିଜ ପସନ୍ଦର ୩ଟି ମହାବିଦ୍ୟାଳୟ ବାଛିବେ। ମନପସନ୍ଦର ମହାବିଦ୍ୟାଳୟ ପାଇବା ପରେ ଏହାକୁ ବ୍ଲକ କରିବାକୁ ପଡ଼ିବ। ନଚେତ୍ ଏହା ଆଡମିଶନ୍ ପ୍ରକ୍ରିୟାରେ ପୁଣି ଉପରସ୍ଥ ମହାବିଦ୍ୟାଳୟକୁ ଚାଲିଯିବ ଓ ପ୍ରଥମ ନାମଲେଖା ରଦ୍ଦ ହୋଇଯିବ। ଅନୁଗୋଳ ନୋଡାଲ ସେଣ୍ଟରରେ ଏହି ଦାୟିତ୍ୱରେ ଆଡମିଶନ୍ ଇନ୍‌ଚାର୍ଜ ନାୟକଙ୍କ ସହ ଆସିଷ୍ଟାଣ୍ଟ ଆଡମିଶନ ଇନଚାର୍ଜ ମଧୁସ୍ମିତା ପଟ୍ଟନାୟକ ଓ ହେଲ୍ପ ଡେକ୍ସ ମୁଖ୍ୟ ରୀନା ମାର୍ଣ୍ଡି ଅଛନ୍ତି। ସୂଚନାଯୋଗ୍ୟ, ୨୦୧୮-୧୯ ଆଡମିଶନ୍ ବର୍ଷରେ ଅନୁଗୋଳ ଜୁନିୟର ମହାବିଦ୍ୟାଳୟରେ ବିଜ୍ଞାନର କଟ ଅପ୍ ମାର୍କ ସାଧାରଣ ବର୍ଗରେ ୭୧.୧୭ ଥିବାବେଳେ ଏସ୍‌ଟି ୪୯.୫, ଏସ୍‌ସି ୫୪.୩୩, ଶିରୀରିକ ଭିନ୍ନକ୍ଷମ ୬୭.୮୩ ରହିଥିଲା। ସେହିଭଳି କଳାରେ କଟ୍ ଅପ୍ ମାର୍କ ସାଧାରଣ ବର୍ଗରେ ୬୭.୧୭ ଥିବାବେଳେ ଏସ୍‌ଟି ୪୩.୩୩, ଏସ୍‌ସି ୬୦, ଫିଜିକାଲ ହ୍ୟାଣ୍ଡିକ୍ୟାପ୍ଟ ୩୬.୩୩ ରହିଥିଲା। ବାଣିଜ୍ୟରେ କଟ ଅଫ୍ ମାର୍କ ୩୩ ରହିଥିଲା।



କନିଷ୍ଠ ଯନ୍ତ୍ରୀଙ୍କୁ ଦାବିପତ୍ର ପ୍ରଦାନ କରାଯାଉଛି।

### ନୁନୁକାପଶିରେ ଲୋ ଭୋଲଟେଜ୍ ସମସ୍ୟା
## ସମାଧାନ ନ ହେଲେ ଆନ୍ଦୋଳନ

**ବଇଣ୍ଡା, ୬।୬(ଡି.ଏନ.ଏ.)**

ଅନୁଗୋଳ ଜିଲା କିଶୋରନଗର ବ୍ଲକ ନୁନୁକାପଶି ଗ୍ରାମରେ ଅଘୋଷିତ ବିଦ୍ୟୁତ୍ କାଟ ହେଉଛି। ପୁରୁଣା ଟ୍ରାନ୍ସଫର୍ମରକୁ ହଟାଇ ନୂତନ ଟ୍ରାନ୍ସଫର୍ମର ଲଗାଯାଉ ନ ଥିବା ଯୋଗୁ ଅଧିକାଂଶ ସମୟରେ ଲୋ ଭୋଲଟେଜ ସମସ୍ୟା ଦେଖାଦେଉଛି। ଫଳରେ ଲୋକେ ଗରମରେ ହନ୍ତସନ୍ତ ହେଉଛନ୍ତି। ଏ ନେଇ ବୁଧବାର ସାହିବାସୀ ବଇଣ୍ଡା ଏନ୍‌ଜେନ କନିଷ୍ଠ ଯନ୍ତ୍ରୀ ବିଶ୍ୱରଞ୍ଜନ ସାହୁଙ୍କୁ ଏକ ଦାବିପତ୍ର ପ୍ରଦାନ କରିଛନ୍ତି।

ଗ୍ରାମବାସୀ ଦାବିପତ୍ରରେ ଉଲ୍ଲେଖ କରିଛନ୍ତି, ବଇଣ୍ଡାର ଉକ୍ତ ସ୍ଥାନ ଏକ ପ୍ରମୁଖ ସ୍ଥାନ ହୋଇଥିବାବେଳେ ଏବେ ବିଦ୍ୟୁତ୍ ସମସ୍ୟା ଏକ ନିତିଦିନିଆ ସମସ୍ୟା ପାଲଟିଗଲାଣି। ୧୦୦ରୁ ଊର୍ଦ୍ଧ୍ୱ ଉପଭୋକ୍ତା ଥିଲେ ମଧ୍ୟ ସେମାନଙ୍କୁ ଠିକ ଭାବେ ବିଦ୍ୟୁତ୍ ସେବା ଯୋଗାଇ ଦିଆଯାଉ ନାହିଁ। ବାରମ୍ବାର ବିଦ୍ୟୁତ୍ କାଟ ସାଙ୍ଗକୁ ଲୋଭୋଲଟେଜ ସମସ୍ୟା ଫଳରେ ଅନେକ ବିଦ୍ୟୁତ୍ ଉପକରଣ ପୋଡ଼ିଯାଉଛି। ସାହିରେ ଥିବା ଟ୍ରାନ୍ସଫର୍ମରଟି ବହୁ ପୁରୁଣା ହୋଇଯାଇଥିବେଳେ ପ୍ରତିଦିନ ୪ରୁ ୫ ଥର ଫିଉଜ ଉଡ଼ିଯାଉଛି। ଉପଭୋକ୍ତାଙ୍କ ସଂଖ୍ୟା ବଢୁଥିବାବେଳେ ଉଚ୍ଚମାନର ଟ୍ରାନ୍ସଫର୍ମର ଲଗାଯାଉ ନାହିଁ। ଫଳରେ ଅତ୍ୟଧିକ ଲୋଡ ପଡ଼ି ଟ୍ରାନ୍ସଫର୍ମରଟି ଅଚଳ ହୋଇପଡୁଛି। ଏ ନେଇ ପୂର୍ବରୁ ଏନ୍‌ଜେନ ଓ ସେସୁକୁ ଅବଗତ କରାଯାଇଥିଲେ ମଧ୍ୟ କୌଣସି ସୁଫଳ ମିଳିପାରୁ ନାହିଁ। ତୁରନ୍ତ ଏହାର ସମାଧାନ କରା ନ ଗଲେ ଆଗାମୀ ଦିନରେ ଆନ୍ଦୋଳନ କରାଯିବ ବୋଲି ଗ୍ରାମର ମିଟୁ ଶତପଥୀ, ଗିରିଷ ଚନ୍ଦ୍ର ବେହେରା, ରମେଶ ଘିଓ୍ୱାଲା, ବୀର ଶତପଥୀ, ରାଜେନ୍ଦ୍ର ରାଉତ, ପ୍ରକାଶ ମିଶ୍ର, ଲୁଲୁ ସାହୁ ପ୍ରମୁଖ ଚେତାବନୀ ଦେଇଛନ୍ତି।

## 'ପ୍ରଦୂଷଣ ବୃଦ୍ଧି ଚିନ୍ତାର କାରଣ'

**ତାଳଚେର, ୬।୬(ନି.ପ୍ର.)**

ସ୍ଥାନୀୟ ପଞ୍ଚାୟତ ସମିତି ସଭାଗୃହରେ ଇଣ୍ଡଷ୍ଟ୍ରିଆଲ ଏନ୍‌ଭାଇରନମେଣ୍ଟ ପଲ୍ୟୁସନ କଣ୍ଟ୍ରୋଲ ସୋସାଇଟି ପକ୍ଷରୁ ବିଶ୍ୱ ପରିବେଶ ଦିବସ ପାଳିତ ହୋଇଯାଇଛି । ଏଥିରେ ମୁଖ୍ୟଅତିଥି ଭାବେ ଢେଙ୍କାନାଳ ଏମ୍‌ପି ମହେଶ ସାହୁ ଯୋଗ ଦେଇ କହିଲେ, ସାରା ବିଶ୍ୱ ଆଜି ପରିବେଶରେ ପ୍ରଦୂଷଣର ବୃଦ୍ଧି ଯୋଗୁ ଚିନ୍ତିତ। ପ୍ରଦୂଷଣ ସୃଷ୍ଟିକାରୀଙ୍କ ଉପରେ ରୋକ ଲଗାଯିବା ଜରୁରୀ। ମୁଖ୍ୟବକ୍ତା ଭାବେ ଇଂ ରମେଶ ସାହୁ ଯୋଗଦେଇ କହିଲେ, ଦ୍ରୁତ ଶିଳ୍ପାୟନ, ଜଙ୍ଗଲ ଅବକ୍ଷୟ ଓ ବିଭିନ୍ନ ଶିଳ୍ପାନୁଷ୍ଠାନର ବର୍ଜ୍ୟବସ୍ତୁ ପ୍ରଦୂଷଣକୁ ବଢାଇବାରେ ସହାୟକ ହେଉଛି। ଏହାକୁ ସବୁ ସ୍ତରରେ ବିରୋଧ କରାଯିବା ଆବଶ୍ୟକ ବୋଲି ସେ ପ୍ରକାଶ କରିଥିଲେ। ସମ୍ମାନିତ ଅତିଥିଭାବେ ବିଡିଓ ନେତ୍ରାନନ୍ଦ ମଲିକ ଯୋଗ ଦେଇଥିଲେ । ସଂସ୍ଥାର ସଭାପତି ମନୋଜ ମହାପାତ୍ର ଏଥିରେ ଅଧ୍ୟକ୍ଷତା କରିଥିଲେ। ସମ୍ପାଦକ ଜିତେନ୍ଦ୍ର ମହାପାତ୍ର ଅତିଥି ପରିଚୟ ଓ ସଭାକାର୍ଯ୍ୟ ପରିଚାଳନା କରିଥିଲେ। ଏହି ଅବସରରେ ପର୍ବତାରୋହିଣୀ କଳ୍ପନା ଦାଶଙ୍କ ବିୟୋଗରେ ନୀରବ ପ୍ରାର୍ଥନା କରାଯାଇଥିଲା।

## ୫୫ ନଂ. ରାଜପଥରେ ବଢୁଛି ଦୁର୍ଘଟଣା

**ଛେଣ୍ଡିପଦା, ୬।୬(ଡି.ଏନ.ଏ.)**

ଅନୁଗୋଳ-ସମ୍ବଲପୁର ୫୫ ନମ୍ବର ଜାତୀୟ ରାଜପଥରେ ଦିନକୁ ଦିନ ଦୁର୍ଘଟଣା ବଢିବାରେ ଲାଗିଛି। ରାସ୍ତା ସଙ୍କୁଚିତ ହେବା ସହ ଖାଲଖମା ଯୋଗୁ ଏହା ମରଣଯନ୍ତା ପାଲଟିଛି। ଫଳରେ ବହୁ ସମୟରେ ଅନେକ ଧନଜୀବନ ନଷ୍ଟ ହେଉଛି। ଏଥିଯୋଗୁ ଲୋକଙ୍କ ମଧ୍ୟରେ ଅସନ୍ତୋଷ ବୃଦ୍ଧି ପାଉଛି।

ସମ୍ପ୍ରତି ରାଜପଥ ସମ୍ପ୍ରସାରଣ କାମ ଚାଲିଛି। ଏଥିପାଇଁ ଘରୋଇ ଠିକାସଂସ୍ଥା ଗାୟତ୍ରୀ ପ୍ରୋଜେକ୍ଟ ଲିମିଟେଡ କମ୍ପାନୀକୁ ଦାୟିତ୍ୱ ଦିଆଯାଇଛି। ରାସ୍ତା ଚାରିଆକିଆ କାମ ଚାଲଥିବା ଯୋଗୁ ଏହା ସଙ୍କୁଚିତ ହୋଇପଡିଛି। ଫଳରେ ଯାତାୟାତବେଳେ ବହୁ ଯାନବାହନ ଦୁର୍ଘଟଣାର ସମ୍ମୁଖୀନ ହେଉଛନ୍ତି। ବିଶେଷ କରି ରାତିରେ ଦୁର୍ଘଟଣା ଅଧିକମାତ୍ରାରେ ଘଟୁଛି। ବଇଣ୍ଡାଠାରୁ ଅନୁଗୋଳ ରନ୍ତଲେଇ ପର୍ଯ୍ୟନ୍ତ ଅଧିକାଂଶ ସ୍ଥାନରେ ରାସ୍ତାସାରା ଖାଲଖମାରେ ଭର୍ତ୍ତି ହୋଇଛି। ଫଳରେ ସେଠାରେ ଲୋକେ ବିପଦପୂର୍ଣ୍ଣ ଭାବେ ଯାତାୟାତ କରୁଛନ୍ତି। ଯାତ୍ରୀଙ୍କ ନିରାପଦ ଯିବାଆସିବା ପାଇଁ ବିଭାଗ କିମ୍ବା ଠିକାସଂସ୍ଥା ପକ୍ଷରୁ ବ୍ୟବସ୍ଥା କରାଯାଇ ନ ଥିବାରୁ ଏପରି ଘଟୁଥିବା ଅଭିଯୋଗ ହେଉଛି। ରାସ୍ତା ନିର୍ମାଣ କାର୍ଯ୍ୟ ଗୋଟିଏ ପାର୍ଶ୍ୱରେ ଶେଷ କରିବା ପରେ ଅନ୍ୟପାର୍ଶ୍ୱରେ ଆରମ୍ଭ କରାଯିବାକଥା। ହେଲେ ଏପରି କରା ନ ଯାଇ ରାସ୍ତାର ଦୁଇ ପାର୍ଶ୍ୱକୁ ମେସିନ୍ ଯୋଗେ ଖୋଳିଦିଆଯାଇଛି। ଏଥିସହ ମନ୍ଥରଗତିରେ କାର୍ଯ୍ୟ ହେଉଥିବାରୁ ପ୍ରତ୍ୟହ ଛୋଟବଡ ଦୁର୍ଘଟଣା ଘଟୁଛି। ଏପରିକି ବୁଲାଣି ରାସ୍ତା ଏବଂ ଦୁର୍ଘଟଣା ପ୍ରବଣ ସ୍ଥାନରେ କୌଣସି ସଚେତନତାମୂଳକ ଫଳକ ଲଗାଯାଉ ନ ଥିବା ଅଞ୍ଚଳବାସୀ ଅଭିଯୋଗ କରିଛନ୍ତି। ଏଥିପ୍ରତି ବିଭାଗୀୟ ଅଧିକାରୀ ସ୍ୱତନ୍ତ୍ର ପଦକ୍ଷେପ ନେବାକୁ ଜନସାଧାରଣ ଦାବି କରିଛନ୍ତି।

## ରକ୍ତଦାନ କରି ଜନ୍ମଦିନ ପାଳିଲେ କ୍ରୀଡ଼ାବିତ

**ଅନୁଗୋଳ ଅଫିସ, ୬।୬:**



ଗିରିରାଜ ସାମାଜିକ କର୍ମୀ ସଙ୍ଗଠନ ପକ୍ଷରୁ ନିଆରା ଢଙ୍ଗରେ ଅନୁଷ୍ଠାନର ସମ୍ପାଦିକା ତଥା ଜାତୀୟ କ୍ରୀଡ଼ାବିତ ସୁଶ୍ରୀ ବିଭାରାଣୀଙ୍କ ୨୫ତମ ଜନ୍ମ ଦିବସ ଗୁରୁବାର ପାଳନ କରାଯାଇଛି। ଏହି ଅବସରରେ ଏକ ସ୍ୱେଚ୍ଛାକୃତ ରକ୍ତଦାନ ଶିବିର କରାଯାଇ ମୋଟ୍ ୨୦ ୟୁନିଟ୍ ରକ୍ତ ସଂଗ୍ରହ କରାଯାଇଥିଲା। ଏଥିରେ ସାମାଜିକ କର୍ମୀ ପର୍ଶୁରାମ ଦାସ, ବ୍ରହ୍ମଜ୍ୟୋତି ମିଶ୍ର, ସିଗ୍‌ମା ରାଣୀ ପ୍ରମୁଖ ଯୋଗଦେଇ ରକ୍ତଦାନ କରିବା ସହ ଅନ୍ୟମାନଙ୍କୁ ଉତ୍ସାହିତ କରିଥିଲେ।

## କୁନ୍ଦେଶ୍ୱରୀଙ୍କ ବାର୍ଷିକ ଯାତ୍ରା

**ଛେଣ୍ଡିପଦା, ୬।୬(ଡି.ଏନ.ଏ.)**

ଛେଣ୍ଡିପଦା ବ୍ଲକ ବାଲିପଟା ଗ୍ରାମରେ ଗୁରୁବାର ମା' କୁନ୍ଦେଶ୍ୱରୀ ଠାକୁରାଣୀଙ୍କ ବାର୍ଷିକ ଯାତ୍ରା ପାଳିତ ହୋଇଯାଇଛି। ଏହି ଅବସରରେ ମା'ଙ୍କ ପୀଠଠାରେ ଯଥାବିଧି ପୂଜାନୀତି କରାଯାଇଥିଲା। ଏହାସହ ହୋମଯଜ୍ଞ, ନାମ ସଂକୀର୍ତ୍ତନ, ଅନ୍ନପ୍ରସାଦ ସେବନ ଆଦିର ବ୍ୟବସ୍ଥା କରାଯାଇଥିଲା। ଆଖପାଖ ଅଞ୍ଚଳର ବହୁ ସଂଖ୍ୟକ ଶ୍ରଦ୍ଧାଳୁଙ୍କ ଭିଡ଼ ଲାଗି ରହିଥିଲା। ବହୁ ମାନସିକଧାରୀ ଅଧିଆ ପଡିବା ସହ ଅନେକ ଶିଶୁଙ୍କ ମୁଣ୍ଡନ କରାଯାଇଥିଲା। ବିଭିନ୍ନ କ୍ଲବ ତଥା ସାମାଜିକ ସଂଗଠନ ପକ୍ଷରୁ ଶ୍ରଦ୍ଧାଳୁଙ୍କ ପାଇଁ ଥଣ୍ଡା ପାନୀୟ ଜଳ ଓ ଦହି ସରବତ ବଣ୍ଟନ କରାଯାଇଥିଲା। ସ୍ଥାନୀୟ ବିଧାୟକ ସୁଶାନ୍ତ କୁମାର ବେହେରାଙ୍କ ସମେତ ବହୁ ମାନ୍ୟଗଣ୍ୟ ବ୍ୟକ୍ତି ମା'ଙ୍କ ପୀଠରେ ପୂଜାର୍ଚ୍ଚନା କରିଥିଲେ। ମନ୍ଦିର ପରିଚାଳନା କମିଟି ଓ ଗ୍ରାମ ପରିଚାଳନା କମିଟିର ମିଳିତ ସହଯୋଗରେ ଉତ୍ସବ ଆୟୋଜନ ହୋଇଥିଲା। ସ୍ଥାନୀୟ ପୋଲିସ ପ୍ରଶାସନ ପକ୍ଷରୁ ଶାନ୍ତି ଶୃଙ୍ଖଳା ରକ୍ଷା କରାଯାଇଥିଲା।

### ଅନୁଗୋଳ ଅଳିଆ ପରିଚାଳନା ନେଇ ଏମ୍‌ପିଙ୍କ ବୈଠକ
## ଗ୍ରାମବାସୀ, ପ୍ରଶାସନକୁ ନେଇ କରିବେ ଆଲୋଚନା

**ଅନୁଗୋଳ ଅଫିସ, ୬।୬**



ଅନୁଗୋଳ ପୌରାଞ୍ଚଳର ପ୍ରମୁଖ ସମସ୍ୟା ଅଳିଆ ପରିଚାଳନା ନେଇ ରହିଥିବା ବିବାଦର ସମାଧାନ କରିବାକୁ ଅଣ୍ଟା ଭିଡ଼ିଛନ୍ତି ନବ ନିର୍ବାଚିତ ଢେଙ୍କାନାଳ ଏମ୍‌ପି ମହେଶ ସାହୁ। ଗୁରୁବାର ସ୍ଥାନୀୟ ସର୍କିଟହାଉସରେ ଆୟୋଜିତ ଏକ ବୈଠକରେ ସହରର ଅଳିଆ ସମସ୍ୟା ସମ୍ପର୍କରେ ସେ ପୌରନିର୍ବାହୀ ଅଧିକାରୀଙ୍କ ସହ ଆଲୋଚନା କରିଥିଲେ। ସହରରୁ ପ୍ରତିଦିନ ବାହାରୁଥିବା ଟନ୍ ଟନ୍ ଅଳିଆକୁ ପୌରପାଳିକା ଏଣେତେଣେ ପକାଇ ଦେଉଥିବାରୁ ସହରର ସୌନ୍ଦର୍ଯ୍ୟହାନି ହେବା ସହ ଅସ୍ୱାସ୍ଥ୍ୟକର ପରିବେଶ ସୃଷ୍ଟି ହେଉଛି ବୋଲି ଏମ୍‌ପି ପୌର ଅଧିକାରୀଙ୍କୁ କହିଥିଲେ। ତେଣୁ ଡମ୍ପିଂୟାର୍ଡ ହେବା ସ୍ଥାନରେ ଗାରବେଜ ମ୍ୟାନେଜମେଣ୍ଟ ପ୍ଲାଣ୍ଟ କରିବାକୁ ସେ ପୌରପ୍ରଶାସନକୁ ପରାମର୍ଶ ଦେଇଥିଲେ। ଏହାଦ୍ୱାରା ସ୍ଥାନୀୟ ଲୋକମାନଙ୍କୁ ନିଯୁକ୍ତି ମିଳିବ। ସେମାନେ ଲାଭବାନ ହେବେ। ପ୍ଲାଣ୍ଟରେ ପ୍ରସ୍ତୁତ ଜୈବିକ ସାରକୁ କ୍ଷେତରେ ପକାଇବାକୁ ଲୋକଙ୍କୁ ପ୍ରଦାନ କରାଗଲେ ସେମାନେ ଡମ୍ପିଂୟାର୍ଡ ନିର୍ମାଣରେ କୌଣସି ବିରୋଧ କରିବେ ନାହିଁ ବୋଲି ଏମ୍‌ପି କହିଥିଲେ। ତେବେ ନିକଟରେ ଗ୍ରାମବାସୀଙ୍କ ସହ ଜିଲା ପ୍ରଶାସନ ଓ ପୌର ପ୍ରଶାସନକୁ ନେଇ ଏମ୍‌ପି ସାହୁ ଏକ ବୈଠକ କରିବେ ବୋଲି ପୌର କର୍ତ୍ତୃପକ୍ଷଙ୍କ ସହ ଆଲୋଚନା ସମୟରେ କହିଥିବା ଜଣାପଡ଼ିଛି।

### ଜଳ ସମ୍ପଦ ଆକଳନ ପାଇଁ ପ୍ରଶାସନିକ ବୈଠକ
## କ୍ଲାର୍ଟ ଆପ୍‌ରେ ପ୍ରସ୍ତୁତ ହେବ ଫସଲ ଖସଡ଼ା

**ଅନୁଗୋଳ ଅଫିସ, ୬।୬**



ଅନୁଗୋଳ ଜିଲାରେ ଥିବା ସମସ୍ତ ଜଳ ସମ୍ପଦକୁ ଆକଳନ କରି ଫସଲ ଖସଡ଼ା ପ୍ରସ୍ତୁତ କରାଯିବ। ଏଥିପାଇଁ ମୋବାଇଲ ଆପ୍ କ୍ଲାର୍ଟ (କମ୍ପୋଜିଟ୍ ଲ୍ୟାଣ୍ଡ ଆସେସ୍‌ମେଣ୍ଟ ଆଣ୍ଡ ରିଷ୍ଟୋରେଶନ ଟୁଲ୍)ର ବ୍ୟବହାର କରାଯିବ ବୋଲି ଗୁରୁବାର ଜିଲାପାଳ ମନୋଜ କୁମାର ମହାନ୍ତିଙ୍କ ଅଧ୍ୟକ୍ଷତାରେ ତାଙ୍କ କାର୍ଯ୍ୟାଳୟ ପ୍ରକୋଷ୍ଠରେ ଅନୁଷ୍ଠିତ ବୈଠକରେ ସ୍ଥିର ହୋଇଛି। ବର୍ଷାରେ ଅନିୟମିତତା ଯୋଗୁ ଜିଲାରେ ଫସଲ ହାନି ସହ ଚାଷୀମାନେ କ୍ଷତିଗ୍ରସ୍ତ ହେଉଛନ୍ତି। ତେଣୁ ଗ୍ରାମରେ ଥିବା ଜଳ ସମ୍ପଦକୁ ବୈଜ୍ଞାନିକ ଜ୍ଞାନ କୌଶଳ ମାଧ୍ୟମରେ ଆକଳନ କରି ଫସଲ ନିର୍ଦ୍ଧାରଣ ପାଇଁ ଉଦ୍ୟମ ଆରମ୍ଭ ହୋଇଛି। କୃଷି ବିଭାଗ ସହିତ ଫାଉଣ୍ଡେଶନ ଫର ଇକୋଲୋଜିକାଲ ସିକ୍ୟୁରିଟି ଅନୁଷ୍ଠାନର ବୁଝାମଣା ପତ୍ର ଅନୁଯାୟୀ ପ୍ରତି ଜିଲାରେ ଜିଲାପାଳଙ୍କ ଅଧ୍ୟକ୍ଷତାରେ ଏକ କମିଟି ଗଠନ କରାଯାଇ ଏହାର ବ୍ୟବହାରକୁ ଗୁରୁତ୍ୱ ଦିଆଯାଉଛି। କ୍ଲାର୍ଟ ସମ୍ପର୍କରେ ଏଫ୍‌ଇଏସ୍‌ର ଟିମ୍ ଲିଡର ସ୍ୱପ୍ନା ଷଡ଼ଙ୍ଗୀ ଏକ ପାୱାର ପଏଣ୍ଟ ଉପସ୍ଥାପନ କରିଥିଲେ। ଆଗାମୀ ଦିନରେ ଜିଲାରେ ଥିବା ସମସ୍ତ ଜଳ ସମ୍ପଦକୁ ଏହି ଟୁଲ ମାଧ୍ୟମରେ ଆକଳନ କରିବା ପାଇଁ ଜିଲାପାଳ ପରାମର୍ଶ ଦେଇଥିଲେ। ଏହାକୁ ପରୀକ୍ଷାମୂଳକ ଭାବେ ଗୋଟିଏ ପଞ୍ଚାୟତରେ ପାଇଲଟ ପ୍ରକଳ୍ପ ଭାବେ ଆରମ୍ଭ କରିବା ପାଇଁ ଜିଲାପାଳ କୃଷି ବିଭାଗକୁ ପରାମର୍ଶ ଦେଇଛନ୍ତି। ଏହି ଟୁଲ ବା ଆପ୍ ମାଧ୍ୟମରେ ଜିଲାରେ କାର୍ଯ୍ୟକାରୀ ହେଉଥିବା ଉନ୍ନୟନ ଯୋଜନାରେ ଖୋଳାଯାଇଥିବା ଫାର୍ମ ପଣ୍ଡ, ମତ୍ସ୍ୟପାଳନ ପୋଖରୀ, ଚେକ ଡ୍ୟାମ୍ ଓ କୂପ ଆଦିର ସ୍ଥାନ ମଧ୍ୟ ନିରୂପଣ କରାଯାଇପାରିବ। ଏହାଛଡ଼ା ଏହି ଆପ୍ ସମ୍ପର୍କରେ ଜିଲାରେ ଥିବା ବିଭିନ୍ନ ବିଭାଗର କ୍ଷେତ୍ର କର୍ମଚାରୀଙ୍କୁ ତାଲିମ ଦିଆଯିବାର ବ୍ୟବସ୍ଥା ରହିଛି ବୋଲି ଏଫ୍‌ଇଏସ୍‌ର ଟିମ୍ ଲିଡର ପ୍ରକାଶ କରିଥିଲେ। ଏହି ବୈଠକରେ ଜିଲା ଗ୍ରାମ୍ୟ ଉନ୍ନୟନ ସଂସ୍ଥାର ପ୍ରକଳ୍ପ ନିର୍ଦ୍ଦେଶକ ଅତୁଲ୍ୟ କୁମାର ଚମ୍ପତିରାୟ, ଉପକୃଷି ନିର୍ଦ୍ଦେଶକ ବିଜୟ କୁମାର ମହାପାତ୍ର, ଜିଲା ମୁଖ୍ୟ ପ୍ରାଣୀ ଚିକିତ୍ସା ଅଧିକାରୀ ଡ. ଚିତ୍ତରଞ୍ଜନ ଆଚାର୍ଯ୍ୟଙ୍କ ସମେତ ବିଭିନ୍ନ ବିଭାଗର ଜିଲାସ୍ତରୀୟ ଅଧିକାରୀମାନେ ଯୋଗଦେଇଥିଲେ।

### ବାହାଘର ପାଇଁ କାର ଭଡ଼ାରେ ନେଇ ଗଞ୍ଜେଇ ଚାଲାଣ
## ମାଲିକଙ୍କୁ ଉଠାଇନେଲା କୋଲକାତା ପୋଲିସ

**ବଅଁରପାଳ, ୬।୬(ଡି.ଏନ.ଏ.)**

ବିବାହ କାର୍ଯ୍ୟ ପାଇଁ ଅନୁଗୋଳ ଜିଲା ବଅଁରପାଳ ଅଞ୍ଚଳରୁ ଭଡ଼ାରେ ନିଆଯାଇଥିବା ଏକ କାର୍‌ରେ ଗଞ୍ଜେଇ ଚାଲାଣ ବେଳେ ଗତ ମାର୍ଚ୍ଚରେ କୋଲକାତା ପୋଲିସ ଗାଡ଼ିଟିକୁ ଜବତ କରିଥିଲା। ଘଟଣାରେ କାର୍ ଚାଳକ ଫେରାର ଥିବାବେଳେ ଗୁରୁବାର କୋଲକାତା ପୋଲିସ ବଅଁରପାଳରେ ପହଞ୍ଚି ଗାଡ଼ି ମାଲିକ ବଅଁରପାଳ ଥାନା ଟେଣ୍ଟୋଇ ଗ୍ରାମର ଅରୁଣ ବେହେରା(୬୦)ଙ୍କୁ ଗିରଫ କରିଛି।

ପୋଲିସ ସୂଚନା ଅନୁଯାୟୀ, ଗତ ମାର୍ଚ୍ଚରେ ଚାଳକ ଜଣକ କାର୍‌ଟି ଏକ ବିବାହ କାର୍ଯ୍ୟରେ ଭଡ଼ାରେ ଲାଗିବ ବୋଲି ମାଲିକଙ୍କୁ କହି ନେଇଯାଇଥିଲେ। ହେଲେ ଚାଳକ ସେଥିରେ ଗଞ୍ଜେଇ ନେଇ କୋଲକାତା ଅଭିମୁଖେ ଯାଇଥିଲେ। ଯାଞ୍ଚବେଳେ କାର୍‌ରେ ଗଞ୍ଜେଇ ଥିବା ଜାଣି କୋଲକାତା ପୋଲିସ ଗାଡ଼ି ଜବତ କରିଥିଲା। ଘଟଣାସ୍ଥଳରୁ ଚାଳକ ଫେରାର ହୋଇଯାଇଥିଲେ। ଏ ସଂକ୍ରାନ୍ତରେ କୋଲକାତା ପୋଲିସ ଏକ ମାମଲା ରୁଜୁ କରିଥିଲା।

## ଆଜି କ'ଣ କେଉଁଠି

■ସ୍ନାତକ ଓ ସ୍ନାତକୋତ୍ତର ପରୀକ୍ଷା ଫଳ ପ୍ରକାଶ କାର୍ଯ୍ୟକ୍ରମ
ସ୍ଥାନ: ଅନୁଗୋଳ ସରକାରୀ ସ୍ୱୟଂଶାସିତ କଲେଜ
ସମୟ: ପୂର୍ବାହ୍ନ ୧୧ଟା।

## ସଂକ୍ଷେପରେ

### ଗାଡ଼ି ଧକ୍କାରେ ଜଣେ ମୃତ

ବଡବିଲ, ୬।୬(ସ୍ୱ.ପ୍ର.): କେନ୍ଦୁଝର ଜିଲା ବଡବିଲ ଥାନା ଅନ୍ତର୍ଗତ ପାଲହଟିଂ ନିକଟରେ ବୁଧବାର ରାତିରେ ଏକ ଅଜଣା ଗାଡି ଧକ୍କାରେ ଜଣେ ବ୍ୟକ୍ତିଙ୍କ ମୃତ୍ୟୁ ଘଟିଛି। ମୃତ ବ୍ୟକ୍ତିଙ୍କ ପରିଚୟ ମିଳିପାରି ନାହିଁ। ଦୁର୍ଘଟଣା ସ୍ଥଳ ଅନ୍ଧାରିଆ ହୋଇଥିବାରୁ ଦୁର୍ଘଟଣା ଘଟାଇ ଗାଡିଟି ପଳାୟନ କରିବାରେ ସକ୍ଷମ ହୋଇଥିବାରୁ ସେଠାରେ ଆଲୋକୀକରଣ ନିମନ୍ତେ ସ୍ଥାନୀୟ ଲୋକେ ଦାବୀ କରି କିଛି ସମୟ ପାଇଁ ରାସ୍ତା ଅବରୋଧ କରିଥିଲେ। ତେବେ ପୋଲିସ ଘଟଣାସ୍ଥଳରେ ପହଞ୍ଚି ଉତ୍ତ୍ୟକ୍ତ ଲୋକଙ୍କୁ ବୁଝାଶୁଝା କରିବା ପରେ ରାସ୍ତା ଅବରୋଧ ପ୍ରତ୍ୟାହୃତ ହୋଇଥିଲା।

### ପଞ୍ଚାୟତ ସମିତି ବୈଠକ

କେନ୍ଦୁଝର, ୬।୬(ସ୍ୱ.ପ୍ର./ଡି.ଏନ.ଏ.): ପଞ୍ଚାୟତ ସମିତି ସଦର କେନ୍ଦୁଝରର ସାଧାରଣ ବୈଠକ ଗୁରୁବାର ସମିତି ଅଧକ୍ଷା ଲତିକା ଦେହୁରୀଙ୍କ ଅଧକ୍ଷତାରେ ସମିତି ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ହୋଇଯାଇଛି। ଭାରପ୍ରାପ୍ତ ଗୋଷ୍ଠୀ ଉନ୍ନୟନ ଅଧିକାରୀ ଭାଗବତ ନାଏକ ଏହାର ସଂଯୋଜନା କରିଥିଲେ । ସଦର ବିଧାୟକ ମୋହନ ଚରଣ ମାଝୀ ମୁଖ୍ୟଅତିଥି ଭାବେ ଯୋଗଦେଇଥିବା ବେଳେ ସମସ୍ତ ଜିଲା ପରିଷଦ ସଦସ୍ୟ/ସଦସ୍ୟା, ପଞ୍ଚାୟତ ସମିତି ସଭ୍ୟ, ସରପଞ୍ଚ ତଥା ବିଭାଗୀୟ ଅଧିକାରୀ ଉପସ୍ଥିତ ଥିଲେ। ଏହି ବୈଠକରେ ମୁଖ୍ୟତଃ ମହିଳା ଶିଶୁ ବିକାଶ, ମହିଳା ସ୍ୱୟଂ ସହାୟିକା ଗୋଷ୍ଠୀଙ୍କୁ ମତ୍ସ୍ୟଚାଷ ପାଇଁ ସ୍ୱତନ୍ତ୍ର ପ୍ରୋତ୍ସାହନ, କୃଷି, ଶିକ୍ଷା ଓ ସ୍ୱାସ୍ଥ୍ୟ ତଥା ଉନ୍ନୟନ ମୂଳକ କାର୍ଯ୍ୟ ଏବଂ ଶୁକ୍ରବାର ହେବାକୁ ଥିବା ଜିଲା ଖଣିଜ ପ୍ରତିଷ୍ଠାନ ପାଣ୍ଠି ପ୍ରାୟୋଜିତ ଦକ୍ଷତା ବୃଦ୍ଧି ନିମନ୍ତେ ପ୍ରଶିକ୍ଷଣ ପରାମର୍ଶ ଶିବିର ଆଦି ବିଷୟରେ ଆଲୋଚନା କରାଯାଇଥିଲା ।

### ମରେଇଗାଁରେ ରଜ ମହୋତ୍ସବ ପ୍ରସ୍ତୁତି

ବଉଳା, ୬।୬ (ଡି.ଏନ.ଏ.)- ହାଟଡିହୀ ବ୍ଲକ ମରେଇଗାଁରେ ରଜ ମହୋତ୍ସବ ପାଇଁ ସତ୍ୟସାଇ ଯୁବକ ସଂଘ ପକ୍ଷରୁ ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ଦୀର୍ଘବର୍ଷ ଧରି ଏହି ରଜ ମହୋତ୍ସବ ପାରମ୍ପରିକ ନୀତିରେ ବେଶ୍ ଧୁମ୍‌ଧାମରେ ପାଳନ ହୋଇଆସୁଛି। ଏଠାକାର ଅଞ୍ଚଳରେ ଏହି ମହୋତ୍ସବ ସମସ୍ତଙ୍କୁ ଏକାଠି କରାଇଥିବା ବେଳେ ଦୀର୍ଘ ତିନିଦିନ ଧରି ମହାଆଡ଼ମ୍ବରରେ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥାଏ। ଏହି ବୈଠକରେ ସଭାପତି ପ୍ରଦୀପ ଦାଶ, ସମ୍ପାଦକ ଶରତ ସେଠୀ, ଉପସଭାପତି ଶଶୀ ଶେଖର ଦାସ, ଶଶୀ ଶେଖର ସେଠୀ, ଭାଗବତ ଜେନା, ପ୍ରକାଶ ଜେନା ପ୍ରମୁଖ ବହୁ ସଦସ୍ୟ ଉପସ୍ଥିତ ରହି ରଜ ଉତ୍ସବକୁ କିଭଳି ସରସ ସୁନ୍ଦର କରାଯିବ, ସେଥିପାଇଁ ଆଲୋଚନା ହୋଇଥିଲା।

### ୩୦ଫୁଟ ତଳକୁ ଓଲଟିଲା ଟ୍ରକ୍

ତେଲକୋଇ, ୬।୬(ଡି.ଏନ.ଏ.): ତେଲକୋଇ ଥାନା ଅନ୍ତର୍ଗତ ଖୁଣ୍ଟାପଡା ପୋଲ ଉପରୁ ଗୁରୁବାର ସକାଳୁ ୩୦ଫୁଟ ତଳକୁ ଏକ ୧୦ଚକିଆ ଟ୍ରକ ଓଲଟି ପଡ଼ିଥିଲା। ଟ୍ରକଟି ଶୁଆକାଟି ଅଭିମୁଖେ ଯାଉଥିବା ବେଳେ ଭାରସାମ୍ୟ ହରାଇ ଓଲଟି ପଡିଲା। ଏଥିରେ ଟ୍ରକ ଡ୍ରାଇଭର ଅଳ୍ପକେ ବର୍ତ୍ତିଯାଇଥିଲେ। ତାଙ୍କୁ ଗୁରୁତର ଅବସ୍ଥାରେ ତେଲକୋଇ ସ୍ୱାସ୍ଥ୍ୟକେନ୍ଦ୍ରକୁ ଅଣାଯାଇଥିଲା।

### ୪ ମଦ ବେପାରୀ ଗିରଫ

ପାଟଣା,୬।୬(ସ୍ୱ.ପ୍ର.)
କେନ୍ଦୁଝର ଜିଲା ପାଟଣା ଅବକାରୀ ଥାନା ପକ୍ଷରୁ ଗୁରୁବାର ପୂର୍ବାହ୍ନରେ ପାଟଣା ଥାନା ଓ ତୁରୁମୁଙ୍ଗା ଥାନା ଅଞ୍ଚଳରେ ବ୍ୟାପକ ଅବକାରୀ ଚଢ଼ାଉରେ ୧୧୩ ଲିଟରରୁ ଊର୍ଦ୍ଧ୍ୱ ବେଆଇନ ଦେଶୀ ମହୁଲି ମଦ ଜବତ ସହ ୪ଜଣଙ୍କୁ ଗିରଫକରି କୋର୍ଟ ଚାଲାଣ କରାଯାଇଛି। ପାଟଣା ଅବକାରୀ ଥାନା ପକ୍ଷରୁ ତୁରୁମୁଙ୍ଗା ଥାନା ଅଞ୍ଚଳର ଭଗପଣି ଗ୍ରାମର ମାଳତୀ ମୁଣ୍ଡାଙ୍କ ଠାରୁ ୬୦ଲିଟର, କଣ୍ଟିଆପଡାର ବିନ ବେହେରା ଙ୍କ ଠାରୁ ୫ଲିଟର ଓ ପାଟଣା ଥାନା ମଙ୍ଗଳପୁର ଗ୍ରାମର ଦୁର୍ଗାଚରଣ ମହାନ୍ତଙ୍କ ଠାରୁ ୮ ଲିଟର ଓ ଡିଆନାଳୀ ଗ୍ରାମର କୁନିମୁଣ୍ଡାଙ୍କ ଠାରୁ ୪୦ ଲିଟର ଦେଶୀ ମହୁଲି ମଦ ଜବତ ହୋଇଛି। ଏନେଇ ପୋଲିସ ପୃଥକ ମାମଲା (ନଂ.୨୦,୨୧,୨୨ ଓ ୨୩/୧୯) ରୁଜୁ କରି ଅଭିଯୁକ୍ତଙ୍କୁ କୋର୍ଟ ଚାଲାଣ କରିଛି।

■ଜିଲାସ୍ତରୀୟ ରବି ଧାନ ସଂଗ୍ରହ କମିଟି ବୈଠକ

# ସଂଗ୍ରହ ହେବ ୧୪୭.୦୫୯ ମେଟ୍ରିକ ଟନ୍

ଅନୁଗୋଳ ଅଫିସ, ୬।୬


ବୈଠକରେ ଉପସ୍ଥିତ ଜନପ୍ରତିନିଧିଙ୍କ ସମେତ ପ୍ରଶାସନିକ ଅଧିକାରୀମାନେ।

ଅନୁଗୋଳ ଜିଲାରେ ୨୦୧୮-୧୯ ରବି ବିପଣନ ବର୍ଷ ପାଇଁ ଧାନ ସଂଗ୍ରହ ନିମନ୍ତେ ଗୁରୁବାର ପୂର୍ବାହ୍ନରେ ଜିଲା କାର୍ଯ୍ୟାଳୟ ସମ୍ମିଳନୀ କକ୍ଷରେ ଜିଲାପାଳ ମନୋଜ କୁମାର ମହାନ୍ତିଙ୍କ ଅଧକ୍ଷତାରେ ଜିଲାସ୍ତରୀୟ ବୈଠକ ଅନୁଷ୍ଠିତ ହୋଇଯାଇଛି। ଏଥିରେ ରବି ଧାନ ସଂଗ୍ରହ ଉପରେ କମିଟିର ସଦସ୍ୟମାନେ ଗୁରୁତ୍ୱାରୋପ କରିଥିଲେ। ଜିଲାରେ ଦ୍ୱିତୀୟ ଥର ପାଇଁ ଅନୁଷ୍ଠିତ ହେଉଥିବା ରବି ଧାନ ସଂଗ୍ରହ କାର୍ଯ୍ୟକ୍ରମରେ ଚାଷୀମାନଙ୍କୁ ସମସ୍ତ ପ୍ରକାର ଆନୁଷଙ୍ଗିକ ସୁବିଧା ଯୋଗାଇ ଦେବା ପାଇଁ ମିଲ୍ ମାଲିକମାନେ ଓ ପ୍ରାଥମିକ ସେବା ସମବାୟ ସମିତିର କର୍ମକର୍ତ୍ତାମାନେ ବିଶେଷ ଧ୍ୟାନ ଦେବାକୁ ଜିଲାପାଳ ପରାମର୍ଶ ଦେଇଥିଲେ।

ବୈଠକରେ ଅନୁଗୋଳ ବିଧାୟକ ରଜନୀକାନ୍ତ ସିଂ, ଆଠମଲ୍ଲିକ ବିଧାୟକ ରମେଶ ଚନ୍ଦ୍ର ସାଏ, ତାଳଚେର ବିଧାୟକ ବ୍ରଜକିଶୋର ପ୍ରଧାନ ଓ ଛେଣ୍ଡିପଦା ବିଧାୟକ ସୁଶାନ୍ତ କୁମାର ବେହେରା ପ୍ରମୁଖ ଯୋଗଦେଇଥିଲେ। ପ୍ରାରମ୍ଭରେ ଜିଲା ଯୋଗାଣ ଅଧିକାରୀ ଉମାଶଙ୍କର ପତି ଚଳିତ ରବି ଧାନ ସଂଗ୍ରହର କାର୍ଯ୍ୟକ୍ରମ ସମ୍ପର୍କରେ ସୂଚନା ପ୍ରଦାନ କରିଥିଲେ। ଚଳିତବର୍ଷ ୧୪୭.୦୫୯ ମେଟ୍ରିକ୍ ଟନ ଧାନ ସଂଗ୍ରହ କରାଯିବାର ଲକ୍ଷ୍ୟ ରଖାଯାଇଛି। ଏଥିପାଇଁ ପୂର୍ବରୁ ପଞ୍ଜୀକରଣ କରିଥିବା ୮୦୨ ଓ ନୂଆ ୫୦ଜଣଙ୍କୁ ମିଶାଇ ମୋଟ୍ ୮୫୨ ଚାଷୀଙ୍କ ନାମ ପଞ୍ଜୀକରଣ କରାଯାଇଛି। ଧାନ ସଂଗ୍ରହ ପାଇଁ ଜିଲାର ୪ଟି ପ୍ରାଥମିକ ସେବା ସମବାୟ ସମିତି ଓ ୨ଟି ମିଲକୁ ସାମିଲ କରାଯାଇଛି। ଚଳିତ ମାସ ୧୦ ତାରିଖରେ ଏକ ସେବା ସମବାୟ ସମିତିଠାରେ ଜିଲାର ପ୍ରଥମ ରବିଧାନ ମଣ୍ଡିର ଶୁଭାରମ୍ଭ କରାଯିବ। ଚାଷୀମାନେ ଏକର ପିଛା ୨୪ କୁଇଣ୍ଟାଲ ଧାନ ଏହି ୪ଟି ସେବା ସମବାୟ ସମିତି ମାଧ୍ୟମରେ ମିଲରମାନଙ୍କୁ ବିକ୍ରି କରିପାରିବେ। ସାଧାରଣ ଧାନର ସର୍ବନିମ୍ନ ସହାୟକ ମୂଲ୍ୟ କୁଇଣ୍ଟାଲ ପ୍ରତି ୧୭୫୦ ଟଙ୍କା ରଖାଯାଇଛି। ସରକାରଙ୍କ ଦ୍ୱାରା ଧାର୍ଯ୍ୟ ସମୟ ସୀମା ଚଳିତ ମାସ ୩୦ ତାରିଖ ପର୍ଯ୍ୟନ୍ତ ଧାନ ସଂଗ୍ରହ କରାଯିବ। ଏହି ସମୟ ମଧ୍ୟରେ ୮୦ରୁ ୯୦ ପ୍ରତିଶତ ଧାନ ସଂଗ୍ରହ ହେଲେ ସରକାରଙ୍କୁ ଅଧିକ ସଂଗ୍ରହ ପାଇଁ ଅନୁରୋଧ କରାଯିବ ବୋଲି ଜିଲା ଯୋଗାଣ ଅଧିକାରୀ କହିଥିଲେ। ଚାଷୀମାନେ କିପରି ଉଚିତ ମୂଲ୍ୟ ପାଇବେ ଓ ଜିଲାରେ ଧାନ ସଂଗ୍ରହ କାର୍ଯ୍ୟକ୍ରମକୁ ବ୍ୟବସ୍ଥିତ ଭାବେ କରିବା ପାଇଁ ସମସ୍ତ ବିଭାଗୀୟ କର୍ମକର୍ତ୍ତା ସମନ୍ୱୟ ରଖି କାର୍ଯ୍ୟ କରିବା ଉପରେ ଗୁରୁତ୍ୱାରୋପ କରାଯାଇଥିଲା। ଆସନ୍ତା ମୌସୁମୀ ବର୍ଷାକୁ ଦୃଷ୍ଟିରେ ରଖି ନିର୍ଦ୍ଧାରିତ ସମୟ ମଧ୍ୟରେ ଧାନ ସଂଗ୍ରହ ଶେଷ କରିବାକୁ ଜିଲାପାଳ ସମସ୍ତ ସେବା ସମବାୟ ସମିତି କର୍ମକର୍ତ୍ତାମାନଙ୍କୁ ନିର୍ଦ୍ଦେଶ ଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ଢେଙ୍କାନାଳ ଏମ୍‌ପିଙ୍କ ପ୍ରତିନିଧି ପ୍ରତାପ ମହାପାତ୍ର, ସମ୍ବଲପୁର ଏମ୍‌ପିଙ୍କ ପ୍ରତିନିଧି ଜୟନ୍ତୀ ପ୍ରଧାନ, ଅତିରିକ୍ତ ଜିଲାପାଳ ତପନ କୁମାର ଶତପଥୀ, ଜିଲା ଗ୍ରାମ୍ୟ ଉନ୍ନୟନ ସଂସ୍ଥାର ପ୍ରକଳ୍ପ ନିର୍ଦ୍ଦେଶକ ଅତୁଲ୍ୟ କୁମାର ଚମ୍ପତିରାୟ, ଅନୁଗୋଳ ଉପଜିଲାପାଳ ବାସୁଦେବ ଶତପଥୀ, ଆଠମଲ୍ଲିକ ଉପଜିଲାପାଳ ସୁବାସ ଚନ୍ଦ୍ର ରାୟଙ୍କ ସମେତ ବିଭିନ୍ନ ବିଭାଗର ଜିଲାସ୍ତରୀୟ ଅଧିକାରୀ, ମିଲର, ନିୟନ୍ତ୍ରିତ ବଜାର କମିଟି, ପ୍ରାଥମିକ ସେବା ସମବାୟ ସମିତି ଓ ଯୋଗାଣ ବିଭାଗର କର୍ମକର୍ତ୍ତାମାନେ ଯୋଗଦେଇଥିଲେ।

■୩୦ ତାରିଖ ଯାଏ ରଖାଯାଇଛି ସମୟସୀମା
■ସର୍ବନିମ୍ନ ସହାୟକ ମୂଲ୍ୟ ୧୭୫୦ ଟଙ୍କା
■୧୦ ତାରିଖରେ ଖୋଲିବ ପ୍ରଥମ ମଣ୍ଡି


ଉଦ୍‌ଯାପନୀ ଦିବସରେ କୃତୀ ପ୍ରତିଯୋଗୀଙ୍କ ସମେତ ଅତିଥିମାନେ।

## ଗ୍ରୀଷ୍ମକାଳୀନ ଶିବିର ଉଦ୍‌ଯାପିତ

ଢେଙ୍କାନାଳ ଅଫିସ, ୬।୬

ଶତରୂପା ଓଡ଼ିଶୀ ନୃତ୍ୟ ଓ ଗବେଷଣା କେନ୍ଦ୍ର ପକ୍ଷରୁ ମେ ୨୦ରୁ ଆରମ୍ଭ ହୋଇଥିବା ଗୀଷ୍ମକାଳୀନ ଶିବିର-୨୦୧୯ ବୁଧବାର ଉଦ୍‌ଯାପିତ ହୋଇଯାଇଛି। ଉଦ୍‌ଯାପନୀ ଦିବସରେ ପ୍ରଶିକ୍ଷାର୍ଥୀମାନଙ୍କୁ ନେଇ ଓଡ଼ିଶୀ, ସମ୍ବଲପୁରୀ, ରେକର୍ଡ ଡ୍ୟାନ୍ସ ପ୍ରତିଯୋଗିତା ହୋଇଥିଲା। ସବ୍ ଜୁନିୟର ବିଭାଗରେ ଆଶିଆନା ଜେନା, ସୁକନ୍ୟା ଦେହୁରୀ, ସାଇ ଶତରୂପା ଏବଂ ଜୁନିୟର ବିଭାଗରେ ରଶ୍ମିତା ଦେହୁରୀ, ସିଦ୍ଧି ସମୀକ୍ଷା କର, ଶୁଚିସ୍ମିତା ବେହେରା ଯଥାକ୍ରମେ ପ୍ରଥମ, ଦ୍ୱିତୀୟ ଓ ତୃତୀୟ ସ୍ଥାନ ହାସଲ କରିଛନ୍ତି। କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଇଥିଲା। ରାଜେଶ କୁମାର ନାୟକ, ଯାଜ୍ଞସେନୀ ପ୍ରଧାନ, ସ୍ୱାଗତିକା ନାୟକ ବିଚାରକ ଦାୟିତ୍ୱ ତୁଲାଇଥିଲେ। ନୃତ୍ୟଗୁରୁ ତିମିରସୁ ପଟ୍ଟନାୟକଙ୍କ ତତ୍ତ୍ୱାବଧାନ ସମସ୍ତ କାର୍ଯ୍ୟକ୍ରମ ପରିଚାଳିତ ହୋଇଥିଲା। ସେଲ୍ଫ ହେଲ୍‌ପ ନିର୍ଦ୍ଦେଶକ ତୃପ୍ତିମୟ ମିଶ୍ର, ସଙ୍ଗୀତ ନିର୍ଦ୍ଦେଶକ ଖାରବେଳ ପଟ୍ଟନାୟକ ପ୍ରମୁଖ ଉପସ୍ଥିତ ଥିଲେ। ଚନ୍ଦନ କୁମାର ନାୟକ ଏହାକୁ ସଂଯୋଜନା କରିଥିଲେ।

## ଶତାଧିକ ଲୋକଙ୍କୁ ବଣ୍ଟାଗଲା ଔଷଧୀୟ ଚାରା


ବିଶ୍ୱ ପରିବେଶ ଦିବସରେ ଚାରା ବଣ୍ଟନ କରାଯାଉଛି।

ଢେଙ୍କାନାଳ ଅଫିସ, ୬।୬

ଢେଙ୍କାନାଳ ଜିଲା ଗଁଦିଆ ବ୍ଲକ କରମୂଳ ପଞ୍ଚାୟତ କାର୍ଯ୍ୟାଳୟରେ ବୁଧବାର ବିଶ୍ୱ ପରିବେଶ ଦିବସ ଉପଲକ୍ଷେ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟଅତିଥି ଭାବେ ଜିଲା ବନଖଣ୍ଡ ଅଧିକାରୀ ସୁଦର୍ଶନ ପାତ୍ର, ସମ୍ମାନିତ ଅତିଥି ସହକାରୀ ବନ ସଂରକ୍ଷକ ଜିତେନ୍ଦ୍ରନାଥ ଦାସ, ଷଡ଼ଙ୍ଗୀ ରେଞ୍ଜର ଅଶୋକ କୁମାର ଭଞ୍ଜ, ଡେପୁଟି ରେଞ୍ଜର ଚନ୍ଦ୍ରମଣି ବେହେରା, ଫରେଷ୍ଟର ନିରଞ୍ଜନ ମଲ୍ଲିକ, ସରପଞ୍ଚ ରାଜେଶ ନାୟକ, ପ୍ରଜାପିତା ବ୍ରହ୍ମାକୁମାରୀ ଈଶ୍ୱରୀୟ ବିଶ୍ୱବିଦ୍ୟାଳୟର ମୁଖ୍ୟ ସଞ୍ଚାଳିକା ବି.କେ.ଉଷା, ଉଦ୍ୟାନ କୃଷି ଉପନିର୍ଦ୍ଦେଶକ ଭଗବାନ ଦାସ ପ୍ରମୁଖ ଯୋଗଦେଇ ପରିବେଶ ସୁରକ୍ଷା ସମ୍ପର୍କରେ ଗ୍ରାମବାସୀଙ୍କୁ ସଚେତନ କରାଇଥିଲେ। ୧୦୦ରୁ ଉର୍ଦ୍ଧ୍ୱ ଲୋକଙ୍କୁ ଔଷଧୀୟ ଚାରା ଏବଂ ଫଳଗଛ ବଣ୍ଟନ କରାଯାଇଥିଲା। ସ୍ୱେଚ୍ଛାସେବୀ ଅନୁଷ୍ଠାନ 'ଐରା'ର ନିର୍ଦ୍ଦେଶକ ସୁରେଶ କୁମାର ପଣ୍ଡା ଅତିଥି ପରିଚୟ ଦେଇଥିବାବେଳେ ସାମାଜିକ କର୍ମୀ ପ୍ରଦ୍ୟୁମ୍ନ ପଣ୍ଡା କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ଡିଏଫ୍‌ଓ ପଞ୍ଚାୟତ କାର୍ଯ୍ୟାଳୟ ଏବଂ ଐରା ଅନୁଷ୍ଠାନ ପରିସରରେ ଚାରା ଲଗାଇଥିଲେ।

## ଫଟୋରେ ଖବର


ଅନୁଗୋଳ ସ୍ଥିତ ଚମ୍ପତିମୁଣ୍ଡା ପୋଷ୍ଟବେସିକ ସ୍କୁଲର ପୁରାତନ ଛାତ୍ର ସଂସଦର ପୂଜ୍ୟପୂଜା ସମାବେଶ ନବୋଦୟ ବିଦ୍ୟାଳୟ ପରିସରରେ ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟଅତିଥି ଅବସରପ୍ରାପ୍ତ ଅଧକ୍ଷ ପ୍ରଫେସର ଭବାନୀ ଶଙ୍କର ମିଶ୍ର, ସମ୍ମାନିତ ଅତିଥି ନବୋଦୟର ଅଧକ୍ଷ ପ୍ରସାଦ ସାହୁ ଓ ଉପାଧକ୍ଷା ଗୀତା ପଟ୍ଟନାୟକ ଯୋଗଦେଇଥିଲେ। ପୂର୍ବତନ ଶିକ୍ଷକ ଜୟନାରାୟଣ ଦାସ ଓ ପ୍ରତାପ ରୁଦ୍ର ମହାନନ୍ଦିଆଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା।

## ପରିତ୍ୟକ୍ତ କୂଅରୁ ମହିଳା ଉଦ୍ଧାର

ରାଇରଙ୍ଗପୁର, ୬।୬(ଡି.ଏନ.ଏ)

ମୟୂରଭଞ୍ଜ ଜିଲା ରାଇରଙ୍ଗପୁର କଚେରି ପଡିଆ ନିକଟ ତଥା ଫରେଷ୍ଟ କଲୋନୀ ପାର୍ଶ୍ୱରେ ଥିବା ଏକ ପରିତ୍ୟକ୍ତ କୂଅରୁ ଗୁରୁବାର ଅପରାହ୍ନରେ ଜଣେ ୩୫ ବର୍ଷିୟା ମହିଳାଙ୍କୁ ଗୁରୁତର ଅବସ୍ଥାରେ ଉଦ୍ଧାର କରାଯାଇଛି। ଏହି କୂଅର ଗଭୀରତା ପ୍ରାୟ ୧୦ଫୁଟରୁ ଅଧିକ ଥିଲା। ରାଇରଙ୍ଗପୁର ଦମକଳ ବାହିନୀ କର୍ମଚାରୀ ସେଠାରେ ପହଞ୍ଚି ମହିଳାଙ୍କୁ ଉଦ୍ଧାର କରି ରାଇରଙ୍ଗପୁର ହସ୍‌ପିଟାଲରେ ଭର୍ତ୍ତି କରିଛନ୍ତି। ଉଦ୍ଧାର ମହିଳା ଫରେଷ୍ଟ ବିଭାଗର ଜଣେ ମହିଳା କର୍ମଚାରୀଙ୍କ ପୁତ୍ରବଧୂ ବୋଲି ଜଣାପଡିଛି। ତାଙ୍କ ସ୍ୱାମୀ ଏକ କମ୍ପ୍ୟୁଟର ସଂସ୍ଥାରେ କର୍ମଚାରୀ ଭାବେ କାମ କରୁଛନ୍ତି।

■ଏଏନ୍‌ଏମ୍‌ଙ୍କୁ ଅବସରକାଳୀନ ସମ୍ବର୍ଦ୍ଧନା

## 'ନିଶା ହେଉ ସ୍ୱାସ୍ଥ୍ୟସେବା'




ସାତମାଇଲ, ୬।୬(ଡି.ଏନ୍.ଏ.)

ହିନ୍ଦୋଳ ବ୍ଲକ ଚିଉଲପୁର ଉପସ୍ୱାସ୍ଥ୍ୟକେନ୍ଦ୍ରରେ କାର୍ଯ୍ୟରତ ଏଏନ୍‌ଏମ୍ କାଞ୍ଚନବାଳା ଷଡ଼ଙ୍ଗୀଙ୍କୁ ଅବସରକାଳୀନ ସମ୍ବର୍ଦ୍ଧନା ଦିଆଯାଇଛି। ୧୯୯୧ ଫେବୃୟାରୀ ୨ରୁ ଚିଉଲପୁର ସ୍ୱାସ୍ଥ୍ୟକେନ୍ଦ୍ରରୁ କର୍ମମୟ ଜୀବନ ଆରମ୍ଭ କରିଥିବା କାଞ୍ଚନବାଳା ସ୍ୱାସ୍ଥ୍ୟସେବାକୁ ବ୍ରତ ଭାବେ ଗ୍ରହଣ କରିଥିଲେ। ନିଜର ବୃତ୍ତିଗତ ଜୀବନରେ ସେ ବହୁ ସ୍ୱାସ୍ଥ୍ୟକର୍ମୀଙ୍କ ପ୍ରେରଣାର ଉତ୍ସ ପାଲଟିଛନ୍ତି। ନିଜର କାର୍ଯ୍ୟଦକ୍ଷତା ପାଇଁ ତାଙ୍କୁ ବେଷ୍ଟ ହେଲ୍‌ଥ ୱାର୍କର ମାନ୍ୟତା ମିଳିଛି। ସେହିପରି ଚିଉଲପୁର ନିର୍ମଳ ସ୍ୱାସ୍ଥ୍ୟ ପଞ୍ଚାୟତ ଭାବେ ପୁରସ୍କୃତ ହେବା ପରେ ଉଦ୍ୟମ ପ୍ରଶଂସନୀୟ ବୋଲି ଅତିଥିମାନେ କହିଥିଲେ।

ସଭାରେ ସମ୍ବର୍ଦ୍ଧିତ କରାଯିବା ଅବସରରେ ଭାବବିହ୍ୱଳ ହୋଇପଡ଼ିଥିଲେ କାଞ୍ଚନବାଳା। ସ୍ୱାସ୍ଥ୍ୟସେବାକୁ ପେସା ଭାବେ ଗ୍ରହଣ ନ କରି ନିଶାରେ ପରିଣତ କଲେ ଜନସାଧାରଣ ପ୍ରକୃତ ସେବା ପାଇପାରିବେ ବୋଲି ସେ କାର୍ଯ୍ୟଦିବସର ଅନ୍ତିମ ଦିନରେ ସମସ୍ତଙ୍କୁ ପରାମର୍ଶ ଦେଇଥିଲେ। ଅବସରପ୍ରାପ୍ତ ମ୍ୟାଲେରିଆ ହେଲ୍‌ଥ ୱାର୍କର ସର୍ବେଶ୍ୱର ପତିଙ୍କ ଅଧକ୍ଷତାରେ ଆୟୋଜିତ ସଭାରେ ମୁଖ୍ୟଅତିଥି ଭାବେ ଖଜୁରିଆକଟା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ସମ୍ପ୍ରସାରଣ ଅଧିକାରୀ ଦିବାକର ପଟ୍ଟନାୟକ, ସମ୍ମାନିତ ଅତିଥି ସାମାଜିକ କର୍ମୀ ହରମୋହନ ପାଣିଗ୍ରାହୀ ଯୋଗଦେଇ ତୃଣମୂଳସ୍ତରରେ ସ୍ୱାସ୍ଥ୍ୟସେବାର ଆବଶ୍ୟକତା ଓ ଉପଯୋଗିତା ଉପରେ ଆଲୋଚନା କରିଥିଲେ। ସ୍ୱାସ୍ଥ୍ୟକର୍ମୀ ଅମିୟ ପ୍ରଧାନ, ଆଶାକର୍ମୀ ଗୀତାଞ୍ଜଳି ପତି, ଅଞ୍ଜଳି ବେହେରା, ସୁଜାତା ସର, ମମତାରାଣୀ ନାୟକଙ୍କ ସମେତ ପଞ୍ଚାୟତର ବହୁ ଏସ୍‌ଏଚ୍‌ଜି ସଦସ୍ୟା ଯୋଗଦେଇଥିଲେ।

## ସ୍ୱାସ୍ଥ୍ୟକେନ୍ଦ୍ର କର୍ମଚାରୀଙ୍କ କାର୍ଯ୍ୟବନ୍ଦ

ବଉଳା/ ହାଟଡିହୀ, ୬।୬
(ଡି.ଏନ.ଏ./ ସ୍ୱ.ପ୍ର.)

ହାଟଡିହୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଜଣେ କର୍ମଚାରୀଙ୍କୁ ଗାଳିଗୁଲଜ ଓ ମାଡ଼ ଅଭିଯୋଗରେ ଗୁରୁବାର ଡାକ୍ତରଖାନାର କର୍ମଚାରୀ କାର୍ଯ୍ୟବନ୍ଦ କରିଛନ୍ତି। ବୁଧବାର ହାଟଡିହୀ ଅଞ୍ଚଳର ଜଣେ ଯୁବକ ଗର୍ଭବତୀ ମହିଳାଙ୍କ ଲାଗି ଟିଟାନସ ଭ୍ୟାକ୍ସିନ ଆଣିବାକୁ ମେଡିକାଲକୁ ଯାଇଥିଲେ । ମେଡିକାଲରେ ଏହି ଭ୍ୟାକ୍ସିନ ନ ଥିବା କହିବା ପରେ ଉକ୍ତ ଯୁବକ କାର୍ଯ୍ୟରତ କର୍ମଚାରୀ ପ୍ରସନ୍ନ ନାୟକଙ୍କୁ ଠେଲାପେଲା କରିଥିଲେ। ଏଥିସହ ମେଡିକାଲରେ ଥିବା ଟେବୁଲ, ଚେୟାର ଭଙ୍ଗାରୁଜା କରିଥିଲେ। ଗୁରୁବାର ଏହାକୁ ନେଇ କର୍ମଚାରୀ ଓ ଫାର୍ମାସିଷ୍ଟ କାର୍ଯ୍ୟବନ୍ଦ କରିଥିଲେ । ଏହାକୁ ନେଇ ଉତ୍ତେଜନା ପ୍ରକାଶ ପାଇଥିଲା। ଫାର୍ମାସିଷ୍ଟ ରାମଚନ୍ଦ୍ର ଜେନା ଏହି ଘଟଣାକୁ ନେଇ ଯୁବକଙ୍କ ବିରୋଧରେ ନନ୍ଦିପଦା ଥାନାରେ ଅଭିଯୋଗ କରିଛନ୍ତି । ଏଭଳି ଅପ୍ରୀତିକର ଘଟଣା ଘଟିଥିବା ବେଳେ ନିର୍ବାଚିତ ପ୍ରତିନିଧି ଓ ବୁଦ୍ଧିଜୀବୀ ଚୁପ୍ ହୋଇ ରହିବାକୁ ନେଇ ଚର୍ଚ୍ଚା ହେଉଛି । ଯେପର୍ଯ୍ୟନ୍ତ ପ୍ରଶାସନ ପଦକ୍ଷେପ ଓ ସୁରକ୍ଷା ନ ଦେଇଛନ୍ତି, ସେପର୍ଯ୍ୟନ୍ତ ଡାକ୍ତରଖାନାରେ କର୍ମଚାରୀମାନେ କାର୍ଯ୍ୟ କରିବେ ନାହିଁ ବୋଲି ଚେତାବନୀ ଦେଇଛନ୍ତି ।

## 'ଅନ୍ତର୍ନିହିତ ଗୁଣାବଳୀ ବିକାଶ କରେ କର୍ମଶାଳା'



ଉଦ୍‌ଯାପନୀ ଉତ୍ସବରେ ପ୍ରଶିକ୍ଷାର୍ଥୀଙ୍କୁ ପ୍ରମାଣପତ୍ର ଦିଆଯାଉଛି।

ଢେଙ୍କାନାଳ ଅଫିସ, ୬।୬

ଢେଙ୍କାନାଳ କୁଞ୍ଜକାନ୍ତରେ ଜୁନ୍ ୩ରୁ ଚାଲିଥିବା ନୋ-ଇଓରସେଲ୍ଫ ଗ୍ରୀଷ୍ମକାଳୀନ କର୍ମଶାଳା ଗୁରୁବାର ଉଦ୍‌ଯାପିତ ହୋଇଯାଇଛି। ଅଲଟରନେଟିଭ୍ ରିଦିମ ଥିଏଟର ଅଧକ୍ଷା ଡ. ପୁଷ୍ପଲତା ରଥଙ୍କ ସଭାପତିତ୍ୱରେ ଆୟୋଜିତ ଉତ୍ସବରେ ପ୍ରଫେସର ତଥା ବିଶିଷ୍ଟ ଭାଷାବିତ୍ ଡ. ନିର୍ମଳ ସୁନ୍ଦର ମିଶ୍ର ମୁଖ୍ୟଅତିଥି ଭାବେ ଯୋଗଦେଇ କହିଲେ, ପିଲାମାନେ କିଛି ଜାଣନ୍ତି ନାହିଁ, ସେମାନେ କିଛି କହିପାରିବେ ନାହିଁ, ସେମାନଙ୍କ କଥା ଗୁରୁତ୍ୱପୂର୍ଣ୍ଣ ନୁହେଁ, ଏଭଳି ଭାବନା ସମ୍ପୂର୍ଣ୍ଣ ଭୁଲ। ଶିଶୁ ଅନେକ ଗୁଣର ଅଧିକାରୀ। ଉଚିତ ସମୟରେ ଏହାର ବିକାଶ ହୋଇ ନ ପାରିଲେ ତାହା ଲାଭଦାୟୀ ହୋଇପାରେ ନାହିଁ। ଅନ୍ତର୍ନିହିତ ଗୁଣାବଳୀର ବିକାଶ ପାଇଁ ଏଭଳି କର୍ମଶାଳା ଲାଭଦାୟକ ହୋଇଥାଏ।

ଅନୁଷ୍ଠାନର ଉପଦେଷ୍ଟା ପ୍ରଦୀପ ସାହୁ, ଉପାଧକ୍ଷ ନାସେର ଅହମ୍ମଦ ଅଲ୍ଲୀ ଖାଁ, ଖ୍ୟାତନାମା ଚିତ୍ରଶିଳ୍ପୀ ଆଶୁତୋଷ ପାଣିଗ୍ରାହୀ ପ୍ରମୁଖ କର୍ମଶାଳାର ଆବଶ୍ୟକତା ଉପରେ ମତ ରଖିଥିଲେ। ଶିବିରାର୍ଥୀମାନେ କର୍ମଶାଳାରେ ଶିକ୍ଷାଲାଭ କରିଥିବା ଅଭିଜ୍ଞତା ବାଣ୍ଟିଥିଲେ। ଅନୁଷ୍ଠାନର ନିର୍ଦ୍ଦେଶକ ତଥା ନାଟ୍ୟକାର ଦୀନେଶ ଦାସ, ଚିତ୍ରଶିଳ୍ପୀ ଆଶୁତୋଷ ପାଣିଗ୍ରାହୀ, ଯୋଗପ୍ରଶିକ୍ଷକ ପ୍ରଳୟ ଦାସ, ଓଡ଼ିଶୀ ନୃତ୍ୟଗୁରୁ ଗୌରୀଶଙ୍କର ଦାସ, ମଧୁସ୍ମିତା ସାହୁ ପ୍ରଶିକ୍ଷଣ ଦେଇଥିଲେ। ସଂଯୋଜକ ମନୋହର ଶତପଥୀ, ସହକାରୀ ସଂଯୋଜକ କାମାକ୍ଷା ପ୍ରସାଦ ରଣା, କୋଷାଧକ୍ଷ ହରେକୃଷ୍ଣ ସାହୁ, ପ୍ରମୋଦ କୁମାର ଦାସ, ଜୟଚନ୍ଦ୍ର ଶତପଥୀ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ମହର୍ଷି ଦୟାନନ୍ଦ ସର୍ଭିସ ମିଶନ ପରିସରରେ ୭ରୁ ୧୩ ତାରିଖ ଏହି ଶିବିର ଚାଲିବ ବୋଲି ସୂଚନା ଦିଆଯାଇଛି।

## ସଂକ୍ଷେପରେ

ଟ୍ରକ୍ ପଛରେ ପିଟିହେଲା କାର

### କନିଷ୍ଠ ଯନ୍ତ୍ରୀ ମୃତ, ସ୍ତ୍ରୀ ଗୁରୁତର

**କାମାକ୍ଷାନଗର, ୬।୬(ଡି.ଏନ୍.ଏ.):** ଢେଙ୍କାନାଳ ଜିଲା ତୁମୁସିଙ୍ଗା ଥାନା ଅଧୀନ ଗୋଦରବିଲ ନିକଟରେ ଗୁରୁବାର ସକାଳେ ଦୁର୍ଘଟଣା ଘଟି କଙ୍କଡାହାଡ଼ ବ୍ଲକରେ କାର୍ଯ୍ୟରତ କନିଷ୍ଠ ଯନ୍ତ୍ରୀ ଏସ୍. ନବୀନ କୁମାର(୫୦) ପ୍ରାଣ ହରାଇଛନ୍ତି। ଏଥିରେ ତାଙ୍କ ସ୍ତ୍ରୀ ଏସ୍. ପ୍ରଶାନ୍ତି (୪୨) ଗୁରୁତର ହୋଇଛନ୍ତି। ପ୍ରଶାନ୍ତି ପାରଳାଖେମୁଣ୍ଡିସ୍ଥିତ ଶ୍ୱଶୁର ଘରୁ ଟ୍ରେନ୍‌ରେ ଆସି ଢେଙ୍କାନାଳ ଷ୍ଟେଶନରେ ଓହ୍ଲାଇଥିଲେ। ନବୀନ ସ୍ତ୍ରୀଙ୍କୁ ନେଇ ଭଡ଼ା କାର୍ (ଓଆର୍ ୦୨ ବିୟୁ ୮୦୪୮ )ରେ କାମାକ୍ଷାନଗର ଅଭିମୁଖେ ଆସୁଥିବାବେଳେ ପଣ୍ଡୁଆ ଫାଣ୍ଡିଠାରୁ ୫୦୦ ମିଟର ଦୂରରେ ରାସ୍ତାକଡ଼ରେ ଛିଡ଼ା ହୋଇଥିବା ଏକ ଟ୍ରକ୍ ପଛପଟେ ଧକ୍କା ହୋଇଥିଲା। ଘଟଣାସ୍ଥଳରେ ନବୀନଙ୍କ ମୃତ୍ୟୁ ଘଟିଥିବାବେଳେ ଗୁରୁତର ଅବସ୍ଥାରେ ପ୍ରଶାନ୍ତିଙ୍କୁ ଜିଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରାଯାଇଛି। ସେ ବିପଦମୁକ୍ତ ଥିବା ଡାକ୍ତର କହିଛନ୍ତି। ଦୁର୍ଘଟଣା ପରେ ଉଭୟ କାର୍ ଏବଂ ଟ୍ରକ୍ ଡ୍ରାଇଭର ଫେରାର ହୋଇଯାଇଛନ୍ତି। ତୁମୁସିଙ୍ଗା ଥାନାଧିକାରୀ ବିଷ୍ଣୁଚରଣ ବାରିକ ପହଞ୍ଚି ଦୁର୍ଘଟଣାଗ୍ରସ୍ତ କାର୍ ଜବତ କରିବା ସହ ମୃତଦେହ ବ୍ୟବଚ୍ଛେଦ ଲାଗି ପଠାଇଥିଲେ। ଏ ନେଇ ନଂ. ୫୬/୧୯, ଦଫା ୨୭୯, ୩୩୭, ୩୩୮, ୩୦୪(ଏ)ରେ ମାମଲା ରୁଜୁ କରାଯାଇଛି। କନିଷ୍ଠ ଯନ୍ତ୍ରୀଙ୍କ ମୃତ୍ୟୁରେ କଙ୍କଡ଼ାହାଡ଼ ବ୍ଲକରେ ଶୋକର ଛାୟା ଖେଳିଯାଇଛି। ଉପଜିଲାପାଳ ଇଂ. ବିଷ୍ଣୁପ୍ରସାଦ ଆଚାର୍ଯ୍ୟ, ବିଡିଓ ଦେବଦତ୍ତ ମହନ୍ତ, ବ୍ଲକ ଅଧକ୍ଷ କାର୍ତ୍ତିକ ଚନ୍ଦ୍ର ସାହୁଙ୍କ ସମେତ ବ୍ଲକରେ କାର୍ଯ୍ୟରତ କର୍ମଚାରୀ ମୃତ ନବୀନଙ୍କ ଶେଷଦର୍ଶନ କରିବା ସହ ଶୋକସନ୍ତପ୍ତ ପରିବାରକୁ ସମବେଦନା ଜଣାଇଛନ୍ତି।

### ଟ୍ରାକ୍ଟର ମାଡ଼ିଯାଇ ମାଲିକ ମୃତ

**ଭାପୁର, ୬।୬(ଡି.ଏନ୍.ଏ.):** ଢେଙ୍କାନାଳ ଜିଲା ସଦର ଥାନା ଭାପୁର ଫାଣ୍ଡି ଅଧୀନ କାକୁଡ଼ିଭାଗ ଗ୍ରାମରେ ଗୁରୁବାର ଏକ ଅଭାବନୀୟ ଘଟଣା ଘଟିଛି। ଟ୍ରାକ୍ଟର ଚକା ତଳେ ପଡ଼ିଯିବାରୁ ଗାଡ଼ି ମାଲିକ ଗୁଣନିଧି ପଣ୍ଡାଙ୍କ ମୃତ୍ୟୁ ଘଟିଛି। ଗୁଣନିଧି ଟ୍ରାକ୍ଟର ଷ୍ଟାର୍ଟ କରି ତେଲ ଯାଞ୍ଚ କରୁଥିବାବେଳେ ହଠାତ୍ ଗାଡ଼ି ଆଗକୁ ଗଡ଼ିଯାଇଥିଲା। ଫଳରେ ସେ ଟ୍ରାକ୍ଟର ତଳେ ଚାପି ହୋଇଯାଇଥିଲେ। ଗୁରୁତର ଅବସ୍ଥାରେ ପରିବାର ଲୋକେ ତାଙ୍କୁ ଜିଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରିଥିଲେ। ଅବସ୍ଥା ସଙ୍କଟାପନ୍ନ ହେବାରୁ ତାଙ୍କୁ କଟକ ସ୍ଥାନାନ୍ତର କରାଯାଇଥିଲା। ସେଠାରେ ଚିକିତ୍ସାଧୀନ ଅବସ୍ଥାରେ ତାଙ୍କର ମୃତ୍ୟୁ ଘଟିଛି। ଏହି ଘଟଣା ଅଞ୍ଚଳରେ ଶୋକର ଛାୟା ଖେଳାଇଦେଇଛି।

### ବଜ୍ରପାତରେ ମୃତ୍ୟୁ ଅଭିଯୋଗ

**ଭାପୁର, ୬।୬(ଡି.ଏନ୍.ଏ.):** ଢେଙ୍କାନାଳ ସଦର ଥାନା ଭାପୁର ଗ୍ରାମର ବୁଧବାର ରାତିରେ ବଜ୍ରପାତ ଘଟି ଅମରେନ୍ଦ୍ର ମହାପାତ୍ର(୩୫)ଙ୍କ ମୃତ୍ୟୁ ଘଟିଥିବା ପରିବାର ଲୋକେ ଅଭିଯୋଗ କରିଛନ୍ତି। ଅମରେନ୍ଦ୍ର ଘର ସାମ୍ନାରେ ଛିଡ଼ା ହୋଇଥିବାବେଳେ ବଜ୍ରପାତ ହୋଇଥିଲା। ସେ ଚେତାଶୂନ୍ୟ ହୋଇ ପଡ଼ିଯାଇଥିଲେ। ପରିବାର ଲୋକେ ତାଙ୍କୁ ଉଦ୍ଧାର କରି ଜିଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରିଥିଲେ। ସେଠାରେ ତାଙ୍କର ମୃତ୍ୟୁ ଘଟିଥିବା ପରିବାର ଲୋକେ କହିଛନ୍ତି। ମୃତଦେହ ବ୍ୟବଚ୍ଛେଦ କରାଯାଇଛି। ରିପୋର୍ଟରୁ ମୃତ୍ୟୁର କାରଣ ବଜ୍ରପାତ କି ନୁହେଁ ତାହା ଜଣାପଡ଼ିବ ବୋଲି ପୋଲିସ କହିଛି।

---

ଟାଟା ଷ୍ଟିଲ ବିଏସ୍ଏଲ୍‌ର ଅଭିନବ ପ୍ରୟାସ

# ଲାଗିଲା ୧୦୦୦ରୁ ଊର୍ଦ୍ଧ୍ୱ ଚାରା



କାର୍ଯ୍ୟକ୍ରମରେ ମଞ୍ଚାସୀନ ଅତିଥିବୃନ୍ଦ।

- ପଥପ୍ରାନ୍ତ ନାଟକରେ ସଚେତନତା
- ସବୁଜ ବଳୟ ସୃଷ୍ଟି ଉପରେ ଗୁରୁତ୍ୱ

**ଢେଙ୍କାନାଳ ଅଫିସ, ୬।୬**

ବିଶ୍ୱ ପରିବେଶ ଦିବସରେ ଅଭିନବ ପ୍ରୟାସ ଆରମ୍ଭ କରିଛି ଓଡ଼ାପଡ଼ା ବ୍ଲକ ନରେନ୍ଦ୍ରପୁରସ୍ଥିତ ଟାଟା ଷ୍ଟିଲ ବିଏସ୍ଏଲ୍ କମ୍ପାନୀ। ଚଳିତ ବର୍ଷ ବିଶ୍ୱ ପରିବେଶ ଦିବସର ଥିମ୍ ରହିଛି ‘ପ୍ରଦୂଷଣ କମ୍ କରିବା’। ଏହା ଆଧାରରେ କମ୍ପାନୀ ପକ୍ଷରୁ ସପ୍ତାହବ୍ୟାପୀ କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା। କାରଖାନା ପାର୍ଶ୍ୱବର୍ତ୍ତୀ ଇଲାକାରେ ସବୁଜବନାନୀ ବଳୟ ସୃଷ୍ଟି କରିବାକୁ ୧୦୦୦ରୁ ଊର୍ଦ୍ଧ୍ୱ ଚାରା ରୋପଣ କରାଯାଇଛି। ଏଥିସହ ବନୀକରଣ ପ୍ରତି ଆଗ୍ରହ ସୃଷ୍ଟି କରିବାକୁ କର୍ମଚାରୀଙ୍କୁ ବଣ୍ଟାଯାଇଛି ଚାରା।

କୁସୁପଙ୍ଗା ପଞ୍ଚାୟତ କୁରୁଣ୍ଟିରେ ଆୟୋଜିତ ସଚେତନତା କାର୍ଯ୍ୟକ୍ରମରେ ଶତାଧିକ ଛୋଟ ଛୋଟ ପିଲାଙ୍କ ସମେତ ୭୦୦ରୁ ଊର୍ଦ୍ଧ୍ୱ ଗ୍ରାମବାସୀ ସାମିଲ ହୋଇଥିଲେ। ମୁଖ୍ୟଅତିଥି ଭାବେ କମ୍ପାନୀର କାର୍ଯ୍ୟନିର୍ବାହୀ ନିର୍ଦ୍ଦେଶକ ଏ.କେ. ସାକ୍ସେନା, ମୁଖ୍ୟବକ୍ତା ପରିବେଶବିତ୍ ମଧୁସୂଦନ ଦାସ ଯୋଗଦେଇ ଅଞ୍ଚଳକୁ ଗ୍ରୀନ ବେଲ୍ଟରେ ପରିଣତ କରିବାକୁ ପରାମର୍ଶ ଦେଇଥିଲେ। ପରିବେଶ ସୁରକ୍ଷା ଲାଗି ଆବଶ୍ୟକ ସହାୟତା ପ୍ରଦାନ କରିବାକୁ କମ୍ପାନୀ ପକ୍ଷରୁ ପ୍ରତିଶ୍ରୁତି ଦିଆଯାଇଛି। କମ୍ପାନୀର କର୍ପୋରେଟ୍ ସେବା ବିଭାଗ ମୁଖ୍ୟ ମଣିକାନ୍ତ ନାୟକ, ମୁଖ୍ୟ କାର୍ଯ୍ୟନିର୍ବାହୀ ଅଧିକାରୀ ଦେବଜ୍ୟୋତି ରାୟ, ମୁଖ୍ୟ ମାନବ ସମ୍ବଳ ଅଧିକାରୀ ଏସ୍.ଏସ୍. ହୋତା, ପରିବେଶ ବିଭାଗ ମୁଖ୍ୟ ସରୋଜ ବାନାର୍ଜୀ, ସିଏସ୍ଆର ବିଭାଗ ମୁଖ୍ୟ ଦିବ୍ୟହାସ ରାୟ, ଆଇଆଇଟି ଖଡଗପୁର ପ୍ରଫେସର କେ. ପାଠକ ପ୍ରମୁଖ ଉପସ୍ଥିତ ରହି ଗ୍ରାମବାସୀଙ୍କୁ ମାର୍ଗଦର୍ଶନ କରାଇଥିଲେ।

ଏହି ଅବସରରେ କୁସୁପଙ୍ଗା, କୁରୁଣ୍ଟି, ଖଲିବେରେଣା ଅଞ୍ଚଳର ଛାତ୍ରୀଛାତ୍ରଙ୍କ ମଧ୍ୟରେ ହୋଇଥିବା ଚିତ୍ରାଙ୍କନ ପ୍ରତିଯୋଗିତାର କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଇଥିଲା। ପୁରୀର ଚେତାବନୀ ଗ୍ରୁପ୍‌ର କଳାକାରମାନେ ପଥପ୍ରାନ୍ତ ନାଟକ ପରିବେଷଣ କରିଥିଲେ। କୁରୁଣ୍ଟି ବିଦ୍ୟାଳୟ ପରିସରରେ ଚାରାରୋପଣ କରାଯିବା ସହ ଗ୍ରାମବାସୀଙ୍କୁ ୭୬୦ରୁ ଊର୍ଦ୍ଧ୍ୱ ଆମ୍ବ ଚାରା ବଣ୍ଟନ କରାଯାଇଛି। କମ୍ପାନୀ ସିଏସ୍ଆର ବିଭାଗର ଆଶୁତୋଷ ଦାସ, ରେଣୁକା ସିଂ, ସାଗରିକା ଶତପଥୀ ପ୍ରମୁଖ ଗ୍ରାମର ଯୁବକଙ୍କ ସହ ମିଶି ଏହି କାର୍ଯ୍ୟକ୍ରମ ଆୟୋଜନ କରିଥିଲେ।

ଏଥି ପୂର୍ବରୁ ସକାଳେ କମ୍ପାନୀ ପରିସରରେ କର୍ମଚାରୀ ଏବଂ ସେମାନଙ୍କ ପରିବାର ସଦସ୍ୟ ପ୍ରଭାତଫେରି କରିଥିଲେ। କମ୍ପାନୀ ପରିସରରେ ଆଇଆଇଟି ଖଡଗପୁର ସହାୟତାରେ ଚାରା ରୋପଣ କରାଯାଇଥିଲା। ସନ୍ଧ୍ୟାରେ କଲୋନୀ ପରିସରରେ ଉଦ୍‌ଯାପନୀ ଉତ୍ସବରେ କୁଇଜ, ପ୍ରବନ୍ଧ ଓ ସ୍ଲୋଗାନ ପ୍ରତିଯୋଗିତାରେ କୃତିତ୍ୱ ଅର୍ଜନ କରିଥିବା କମ୍ପାନୀ କର୍ମଚାରୀ ଏବଂ ସେମାନଙ୍କ ପରିବାର ସଦସ୍ୟଙ୍କୁ ପୁରସ୍କୃତ କରାଯାଇଥିଲା। ବିଭିନ୍ନ ବିଭାଗ ଦ୍ୱାରା ପରିବେଶ ସମ୍ବନ୍ଧୀୟ ପଦକ୍ଷେପକୁ ନେଇ ଏକ ପ୍ରଦର୍ଶନୀ ଆୟୋଜିତ ହୋଇଥିଲା। ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡର ଆଞ୍ଚଳିକ ଅଧିକାରୀ ଡ. ଅନୁପ ମଲ୍ଲିକ ଏବଂ ଭୁବନେଶ୍ୱରସ୍ଥିତ କାର୍ଯ୍ୟାଳୟର ପୂର୍ବତନ ବୈଜ୍ଞାନିକ ଡ. ଏସ୍.ପି. ସାମନ୍ତରାୟ ପ୍ରମୁଖ ଯୋଗଦେଇଥିଲେ। କମ୍ପାନୀ ପକ୍ଷରୁ ଚଳିତ ମାସକୁ ଦୀର୍ଘ ସ୍ଥାୟିତ୍ୱ ମାସ ଭାବେ ପାଳନ କରୁଛି। ଏହି ଅବସରରେ ସ୍ୱତନ୍ତ୍ର ନୀତି ପ୍ରଣୟନ କରାଯାଇଛି। ଏହାକୁ କର୍ମଚାରୀମାନେ ପାଳନ କରିବାକୁ ନିଷ୍ପତ୍ତି ନିଆଯାଇଛି।



ସଚେତନ କାର୍ଯ୍ୟକ୍ରମରେ କୁରୁଣ୍ଟି ଗ୍ରାମବାସୀ।

---

## ସେଲ୍ଫି କର୍ଣ୍ଣର


@ ସତ୍ୟ



@ ଲକ୍ଷ୍ମୀପ୍ରିୟା

ସେଲ୍ଫି ଉଠାନ୍ତୁ ଆମ ପାଖକୁ ପଠାନ୍ତୁ
dklselfie@gmail.com
(ବଛା ବଛା ସେଲ୍ଫି ପ୍ରକାଶ ପାଇବ)

---

ମେଡିକାଲ ପରୀକ୍ଷା

# ଇ-ଟେକ୍‌ର ୧୯ ଛାତ୍ରୀଛାତ୍ର ସଫଳ

**ଢେଙ୍କାନାଳ ଅଫିସ, ୬।୬**

ଢେଙ୍କାନାଳ ଇ-ଟେକ୍ ଆବାସିକ ମହାବିଦ୍ୟାଳୟର ୧୯ଜଣ ଛାତ୍ରୀଛାତ୍ର ଜାତୀୟ ମେଡିକାଲ ପ୍ରବେଶିକା ପରୀକ୍ଷା (ନିଟ୍)ରେ ସଫଳତା ହାସଲ କରିଛନ୍ତି । ଶିବନନ୍ଦନ ବୋଷ ୫୮୧, ରୁପାଲି ଭରଦ୍ୱାଜ ୫୮୦, ଅମିତ କୁମାର ସାହୁ ୫୭୯, ଅଭିଲିପ୍ସା ସ୍ୱାଇଁ ୫୬୩, ସୌମ୍ୟରଞ୍ଜନ ସାହୁ ୫୪୧, ଲିଙ୍କନ କୁମାର ପରିଡ଼ା ୪୯୭, ଶାଶ୍ୱତ କୁମାର ସାହୁ ୪୯୭ ମାର୍କ ରଖି ରାଜ୍ୟ ତଥା ରାଜ୍ୟ ବାହାରେ ଥିବା ମେଡିକାଲ କଲେଜରେ ନାମ ଲେଖାଇବାକୁ ଯୋଗ୍ୟ ବିବେଚିତ ହୋଇଛନ୍ତି।

ଇ-ଟେକ୍ ଆବାସିକ ମହାବିଦ୍ୟାଳୟ ଦ୍ୱାରା ପରିଚାଳିତ ଇଟେକ୍ ଏନଟ୍ରାନ୍ସ କ୍ଲାସ ମାଧ୍ୟମରେ ସମ୍ପୃକ୍ତ ଛାତ୍ରୀଛାତ୍ରଙ୍କ କୋଚିଂ ବ୍ୟବସ୍ଥା କରାଯାଇଥିଲା। ସଫଳତା ପାଇଥିବା ପିଲାଙ୍କୁ କଲେଜ ଅଧକ୍ଷ ଡ. ସୁରେଶ ମିଶ୍ର ଶୁଭେଚ୍ଛା ଜଣାଇଛନ୍ତି ।


ଅମିତ ସାହୁ।


ରୁପାଲି ଭରଦ୍ୱାଜ।


ଶିବନନ୍ଦନ ବୋଷ।


ଅଭୀଲିପ୍ସା ସ୍ୱାଇଁ।

# ବାଇକ୍ ଛଡ଼ାଇନେଲେ ଦୁର୍ବୃତ୍ତ

**ରାସୋଳ, ୬।୬(ଡି.ଏନ୍.ଏ.)**

ରାସୋଳ ଥାନା ବାହାଳ ଛକ ନିକଟରେ ଗୁରୁବାର ଅପରାହ୍ନ ୫ଟାରେ ଦୁର୍ବୃତ୍ତମାନେ ଜଣେ ବାଇକ୍ ଆରୋହୀଙ୍କୁ ଭୟଭୀତ କରାଇ ଗାଡ଼ି ଛଡ଼ାଇ ନେଇଛନ୍ତି। ଲୁଟ୍‌ର ଶିକାର ହୋଇଛନ୍ତି ଖଲିବୋରେଇ ଗ୍ରାମର ଜଗବନ୍ଧୁ ଗୋଚ୍ଛି। ଜଗବନ୍ଧୁ ଓଡ଼ାପଡ଼ା ବ୍ଲକ କାର୍ଯ୍ୟାଳୟରେ କାମ କରନ୍ତି। ଅପରାହ୍ନରେ ଘରକୁ ଫେରୁଥିବାବେଳେ ବାହାଳ ଛକ ନିକଟରେ ଦୁଇଜଣ ଦୁର୍ବୃତ୍ତ ତାଙ୍କୁ ଅଟକାଇଥିଲେ। ବେକରେ ଛୁରି ଲଗାଇ ଭୟଭୀତ କରାଇବା ସହ ତାଙ୍କଠାରୁ ବାଇକ୍ ଛଡ଼ାଇ ନେଇଥିଲେ। ତେବେ ଦୁର୍ବୃତ୍ତମାନେ ଆସିଥିବା ବାଇକ୍ (ଓଡ଼ି ୦୬ ଏ ୧୩୯୫)କୁ ଘଟଣାସ୍ଥଳରେ ଛାଡ଼ି ପଳାଇଛନ୍ତି, ଯାହା ଘଟଣାକୁ ଅଧିକ ରହସ୍ୟାବୃତ୍ତ କରିଛି। ପୋଲିସ ଉକ୍ତ ବାଇକ୍ ଜବତ କରିଛି। ପ୍ରାଥମିକ ତଦନ୍ତରୁ ଏହି ଗାଡ଼ି କାମାକ୍ଷାନଗର ଅଞ୍ଚଳରୁ ବୁଧବାର ଚୋରି ହୋଇଥିବା ଜଣାପଡ଼ିଛି। ଜଗବନ୍ଧୁଙ୍କ ଅଭିଯୋଗକ୍ରମେ ଥାନାରେ ମାମଲା ରୁଜୁ ହୋଇଛି। ପୋଲିସ ଘଟଣାର ତଦନ୍ତ କରୁଛି।

# ଶ୍ୱଶୁରଘରେ ଜ୍ୱାଇଁଙ୍କ ଉନ୍ମତ୍ତକାଣ୍ଡ, ୫ ଆହତ

**ଜଳେଶ୍ୱର, ୬।୬(ଡି.ଏନ.ଏ.)**

ବାଲେଶ୍ୱର ଜିଲା ଜଳେଶ୍ୱର ଥାନା ନାମ୍ପୋ ଫାଣ୍ଡି ଅଧୀନ ଖାଲିନା ଗ୍ରାମରେ ଗୁରୁବାର ଭୋର ସମୟରେ ଏକ ଅଭାବନୀୟ ଘଟଣା ଘଟିଛି। ଖାଲିନା ଗ୍ରାମର ନୀଳାମ୍ବର ପାଣିଗ୍ରାହୀଙ୍କ ସାନଜ୍ୱାଇଁ ରଞ୍ଜନ ପଣ୍ଡା ଓ ତାଙ୍କ ସ୍ତ୍ରୀଙ୍କ ମଧ୍ୟରେ କୌଣସି କାରଣକୁ କେନ୍ଦ୍ର କରି କଳହ ହୋଇଥିଲା। ଏଥିରେ ରଞ୍ଜନ ଉତ୍ତ୍ୟକ୍ତ ହୋଇ ଏକ ଧାରୁଆ ଅସ୍ତ୍ରରେ ଶ୍ୱଶୁର ନୀଳାମ୍ବରଙ୍କ ସମେତ ଶାଶୁ, ସ୍ତ୍ରୀ ଓ ପଡ଼ୋଶୀ ଘରର ୨ ଜଣଙ୍କୁ ମରଣାନ୍ତକ ଆକ୍ରମଣ କରିଥିଲେ। ଲହୁଲୁହାଣ ଅବସ୍ଥାରେ ୫ଜଣ ଆହତଙ୍କୁ ଗ୍ରାମବାସୀ ଜ୍ୱାଇଁଙ୍କ କବଳରୁ ଉଦ୍ଧାର କରି ଜଳେଶ୍ୱରସ୍ଥିତ ସରକାରୀ ଡାକ୍ତରଖାନାରେ ଭର୍ତ୍ତି କରାଇଛନ୍ତି। ଜଳେଶ୍ୱର ପୋଲିସ ନୀଳାମ୍ବରଙ୍କ ଘର ପହଞ୍ଚି ଆକ୍ରମଣକାରୀ ଜ୍ୱାଇଁ ରଞ୍ଜନଙ୍କୁ କାବୁ କରିବା ପାଇଁ ନାକେଦମ ହୋଇଯାଇଥିଲା। ଏପରିକି ରଞ୍ଜନଙ୍କ ଆକ୍ରମଣରୁ ପୋଲିସ କର୍ମଚାରୀ ମଧ୍ୟ ବର୍ତ୍ତିନ ଥିଲେ ବୋଲି ପ୍ରତ୍ୟକ୍ଷଦର୍ଶୀ ପ୍ରକାଶ କରିଛନ୍ତି। ପରେ ଥାନାରେ ଏକ ହତ୍ୟା ଉଦ୍ୟମ ମାମଲା (ନଂ.୧୧୯/୧୯) ରୁଜୁ କରାଯାଇ ରଞ୍ଜନଙ୍କୁ ଗିରଫ କରାଯାଇଛି। ରଞ୍ଜନଙ୍କ ଘର କମର୍ଦ୍ଦା ଥାନା ଆରୁହାବୃତ୍ତି ଗ୍ରାମରେ।

ଗାନ୍ଧୀ ଅଧ୍ୟୟନ କେନ୍ଦ୍ରରେ ଆଲୋଚନାଚକ୍ର

# ‘ଗୁଣାତ୍ମକ ପରିବର୍ତ୍ତନ ସମ୍ପୂର୍ଣ୍ଣ କ୍ରାନ୍ତିର ଉଦ୍ଦେଶ୍ୟ’


ଆଲୋଚନାଚକ୍ରରେ ଅତିଥିମାନେ।

**ଢେଙ୍କାନାଳ ଅଫିସ, ୬।୬**

ଜାତୀୟ ଜୀବନରେ ଗୁଣାତ୍ମକ ପରିବର୍ତ୍ତନ ଆଣିବା ସମ୍ପୂର୍ଣ୍ଣ କ୍ରାନ୍ତିର ମୁଖ୍ୟ ଉଦ୍ଦେଶ୍ୟ। ସମାଜର ରାଜନୈତିକ, ଅର୍ଥନୈତିକ, ଶୈକ୍ଷିକ ଓ ସାଂସ୍କୃତିକ ପରିବର୍ତ୍ତନ ଏହାର ଆଭିମୁଖ୍ୟ ବୋଲି କହିଛନ୍ତି ପୂର୍ବତନ କେନ୍ଦ୍ରମନ୍ତ୍ରୀ ବ୍ରଜକିଶୋର ତ୍ରିପାଠୀ। ସ୍ଥାନୀୟ ରଥଗଡ଼ାସ୍ଥିତ ଗାନ୍ଧୀ ଅଧ୍ୟୟନ କେନ୍ଦ୍ର ଓ ସମାଜସେବା ପ୍ରତିଷ୍ଠାନ ପକ୍ଷରୁ ବୁଧବାର ସମ୍ପୂର୍ଣ୍ଣ କ୍ରାନ୍ତି ପ୍ରସଙ୍ଗ ଉପରେ ଆୟୋଜିତ ଆଲୋଚନାଚକ୍ରରେ ଯୋଗଦେଇ ସେ ଏହା କହିଥିଲେ।

ମୁଖ୍ୟବକ୍ତା ଶୈଳଜା ରବି ଆଲୋଚନାରେ ଭାଗନେଇ କହିଲେ, ବିଶିଷ୍ଟ ସ୍ୱାଧୀନତା ସଂଗ୍ରାମୀ ଓ ସର୍ବୋଦୟ ନେତା ଜୟପ୍ରକାଶ ନାରାୟଣ କ୍ରାନ୍ତିର ପ୍ରକୃତ ଆଭିମୁଖ୍ୟ ଦର୍ଶାଇଥିଲେ। ଗାନ୍ଧୀଙ୍କ ପରିକଳ୍ପିତ ଆଦର୍ଶ ସମାଜକୁ ସଫଳ ରୂପରେଖ ଦେବା ପାଇଁ ବିନୋବା ଏବଂ ଜୟପ୍ରକାଶ ଜାତୀୟସ୍ତରରେ ପ୍ରୟାସ କରିଥିଲେ, ଯାହା ଅନେକମାତ୍ରାରେ ଫଳପ୍ରସୂ ହୋଇଥିବା ସେ ନିଜ ବକ୍ତବ୍ୟରେ କହିଥିଲେ। ଉତ୍କଳ ଖଦିମଣ୍ଡଳର ଅଧକ୍ଷ ବୈଷ୍ଣବ ଚରଣ ଦାସ କହିଲେ, ସ୍ୱାଧୀନତାର ଅର୍ଥ ହେଉଛି ସମତାଭିତ୍ତିକ ଏବଂ ଭେଦଭାବ ରହିତ ସମାଜ। ଜୟପ୍ରକାଶ ନାରାୟଣ ଏହାର ଅର୍ଥ ହୃଦୟଙ୍ଗମ କରିଥିଲେ। ଏହି କାର୍ଯ୍ୟରେ ସେ ଜୀବନ ଉତ୍ସର୍ଗ କରିଥିଲେ।

ଅଧ୍ୟାପକ ଧନେଶ୍ୱର ସାହୁଙ୍କ ସଭାପତିତ୍ୱରେ ଆୟୋଜିତ କାର୍ଯ୍ୟକ୍ରମରେ ଗାନ୍ଧୀ ଅଧ୍ୟୟନ କେନ୍ଦ୍ରର ପ୍ରତିଷ୍ଠାତା ପ୍ରଶାନ୍ତ ମିଶ୍ର, ବରିଷ୍ଠ ସଦସ୍ୟ ସରୋଜ ଶତପଥୀ, ଆଇନଜୀବୀ ପ୍ରଦୀପ କୁମାର ସାହୁ, ସାମାଜିକ କର୍ମୀ ଗିରିଜା ନାୟକ ପ୍ରମୁଖ ଆଲୋଚନାରେ ଅଂଶଗ୍ରହଣ କରିଥିଲେ।

ପ୍ରାରମ୍ଭରେ ଦିବଂଗତ ଅର୍ଥନୀତିଜ୍ଞ ବୈଦ୍ୟନାଥ ମିଶ୍ର, ବାସୁଦେବ ସାହୁ ଏବଂ କଳ୍ପନା ଦାଶଙ୍କ ଉଦ୍ଦେଶ୍ୟରେ ଶ୍ରଦ୍ଧାଞ୍ଜଳି ଅର୍ପଣ କରାଯାଇଥିଲା। ଡ. ଭବାନୀ ଶଙ୍କର ମିଶ୍ର ଧନ୍ୟବାଦ ଦେଇଥିଲେ।

---

## ଫଟୋରେ ଖବର


ଭୁବନ ରଥଯାତ୍ରା ପାଇଁ ସ୍ଥାନୀୟ ବୁଦ୍ଧେଶ୍ୱର ଶୈବପୀଠ ନିକଟରେ ରଥକାମ ଆଗେଇ ଚାଲିଛି।



ସାଂସ୍କୃତିକ ଅନୁଷ୍ଠାନ ‘ନୃତ୍ୟମ୍’ର ୨୨ତମ ବାର୍ଷିକ ଉତ୍ସବ ଅବସରରେ ଆୟୋଜିତ ସାଂସ୍କୃତିକ କାର୍ଯ୍ୟକ୍ରମ।


କାମାକ୍ଷାନଗର ଅଞ୍ଚଳର ମହିଳାମାନେ ଜଙ୍ଗଲରୁ କାଠ ଧରି ଫେରୁଛନ୍ତି।

ଧରିତ୍ରୀ
DHARITRI
www.orissakhabar.com/ www.dharitri.com ପୃଷ୍ଠା ୧୬ Press Regd. No. ORIORI/2005/14846 Postal Regd. No. BN/42/18-20. Edition Phone (06762) 224254, (06764) 237556 ଢେଙ୍କାନାଳ, ଶୁକ୍ରବାର,୭ ଜୁନ /୨୦୧୯, Dhenkanal, Friday June 7 / 2019

# ଲୋକଙ୍କ ସମସ୍ୟା ପଚାରି ବୁଝିଲେ ବିଧାୟକ

**ଛେଣ୍ଡିପଦା, ୫।୬(ସ୍ୱ.ପ୍ର.)**

ଛେଣ୍ଡିପଦା ବିଧାୟକ ସୁଶାନ୍ତ କୁମାର ବେହେରା ମଙ୍ଗଳବାର ସମର୍ଥକଙ୍କ ସହ ଛେଣ୍ଡିପଦା ବ୍ଲକର ବିଭିନ୍ନ ପଞ୍ଚାୟତକୁ ଯାଇ ଲୋକଙ୍କୁ ଭେଟିଛନ୍ତି। ବହୁ ଭୋଟ ବ୍ୟବଧାନରେ ତାଙ୍କୁ ଜିତାଇଥିବାରୁ ସେ ଲୋକଙ୍କୁ କୃତଜ୍ଞତା ଜଣାଇବା ସହ ସେମାନଙ୍କ ସମସ୍ୟା ପଚାରି ବୁଝିଛନ୍ତି। ବରସାହି ସରପଞ୍ଚ ବିଜୟ କୁମାର ଗଡନାୟକଙ୍କ ନେତୃତ୍ୱରେ ବିଧାୟକ ବରସାହି ଗ୍ରାମର ଅଧିଷ୍ଠାତ୍ରୀ ଦେବୀ ମା'ଖାରୀ ବୁଢ଼ୀଙ୍କ ଦର୍ଶନ କରିଥିଲେ। ଆଗାମୀ ଦିନରେ ନବୀନ ସରକାରଙ୍କ ପକ୍ଷରୁ ଗ୍ରାମାଞ୍ଚଳ ପାଇଁ କରାଯାଉଥିବା ସମସ୍ତ ଉନ୍ନୟନମୂଳକ ଯୋଜନାକୁ କାର୍ଯ୍ୟକାରୀ କରାଯିବ ବୋଲି ବିଧାୟକ କହିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଦିଗାମ୍ବର ଗଡନାୟକ, କମାର ମାଝି, ଭଗବାନ ମାଝି, ସାର୍ଥକ ଗଡନାୟକ, ଅଜୟ ନାଥ, ବାବୁଲି ସାହୁ, ଯଦୁମଣି ସାହୁ, ରଞ୍ଜନ କୁମାର ସାହୁ, କୁନା ବେହେରା ପ୍ରମୁଖ ଯୋଗ ଦେଇଥିଲେ।

# କାଳବୈଶାଖୀ: ବ୍ୟାପକ କ୍ଷୟକ୍ଷତି

**କଣିହାଁ, ୬।୬(ଡି.ଏନ.ଏ.)**

କଣିହାଁ ବ୍ଲକ ଅଞ୍ଚଳରେ କାଳବୈଶାଖୀ ତାଣ୍ଡବ ଥମିବାର ନାଁ ଧରୁନି। କିଛିଦିନ ହେଲା ଲଗାତର ଝଡବର୍ଷା ଯୋଗୁ ବହୁ କ୍ଷୟକ୍ଷତି ଘଟୁଛି। ଗୁରୁବାର ସନ୍ଧ୍ୟାରେ ମଧ କାଳବୈଶାଖୀ ଯୋଗୁ ବ୍ୟାପକ କ୍ଷତି ଘଟିଛି। ସନ୍ଧ୍ୟା ପ୍ରାୟ ୭ଟାରେ ଜୋରରେ ଝଡ ବର୍ଷା ମାଡ଼ି ଆସିଥିଲା। କଣିହାଁ, ଏନ୍‌ଟିପିସି ପ୍ରକଳ୍ପ ଅଞ୍ଚଳରେ ଅନେକ ଲୋକଙ୍କ ଚାଳ ଛପର, ଆଜବେଷ୍ଟସ ଉଡିଯିବା ସହ ବହୁ ଦୋକାନ କ୍ଷତିଗ୍ରସ୍ତ ହୋଇଛି। କଣିହାଁ ସ୍ୱାସ୍ଥ୍ୟକେନ୍ଦ୍ର ପରିସରର ସୌନ୍ଦର୍ଯ୍ୟ ନଷ୍ଟ ହେବା ସହ ଏନ୍‌ଟିପିସି ବଜାର ଅଞ୍ଚଳରେ ବହୁ ବିଦ୍ୟୁତ୍ ଖୁଣ୍ଟ, ଟାୱାର, ସୋଲାର ଲାଇଟ ଖୁଣ୍ଟ ଆଦି ପଡି ୬ରୁ ଅଧିକ ବାଇକ୍, କାର ଭାଙ୍ଗିରୁଜି ଯାଇଛି। ଖବରଲେଖା ହେବା ସୁଦ୍ଧା ସମଲ, ପରାବିଲ, ରେଙ୍ଗାଳି, କଣିହାଁ ଆଦି ଅଞ୍ଚଳରେ ବିଦ୍ୟୁତ୍ ସରବରାହ ବିଚ୍ଛିନ୍ନ ହୋଇଯାଇଛି। କ୍ଷତିଗ୍ରସ୍ତଙ୍କୁ ସରକାରୀ ସହାୟତା ଯୋଗାଇବା ପାଇଁ ଦାବି ହୋଇଛି।











# ମଦ ଜବତ, ୪ ଗିରଫ

**ତାଳଚେର, ୬।୬(ନି.ପ୍ର.)**

ତାଳଚେର ପୋଲିସ ଗୁରୁବାର ବିଭିନ୍ନ ସ୍ଥାନରେ ଚଢ଼ାଉ କରି ବିପୁଳ ପରିମାଣର ବିଦେଶୀ ମଦ ଜବତ କରିଛି। ଏଥିସହ ୪ ଜଣଙ୍କୁ ଗିରଫ କରାଯାଇଛି। ବହ୍ଲର ଛକ ସାମଲ ଢାବାରେ ଚଢ଼ାଉବେଳେ ୪୪ ବୋତଲ ବିଦେଶୀ ମଦ ଜବତ କରାଯାଇଥିଲା। ଏଥିରେ ଢାବା ମାଲିକ ପ୍ରକାଶ କୁମାର ସାମଲ ଓ ମ୍ୟାନେଜର ପ୍ରଶାନ୍ତ କୁମାର ସାହୁଙ୍କୁ ଗିରଫ କରାଯାଇଛି। ସେହିପରି କଣ୍ଠାଳ ଜଙ୍ଗଲରୁ ଏକ ବାଇକ ସହ ମଦ ଜବତ କରାଯାଇଛି। ତାଳବେଡା ମଦ ଦୋକାନର ମ୍ୟାନେଜର ସୁଧୀର କୁମାର ଯାଦବ ଓ ରଞ୍ଜନ କୁମାରଙ୍କୁ ପୋଲିସ ବେଆଇନ ଭାବେ ମଦ ଚାଲାଣ ଅଭିଯୋଗରେ ଗିରଫ କରିଛି । ଏହି ଦୁଇ ଜଣ ବାଇକ୍‌ରେ ଗ୍ରାମାଞ୍ଚଳକୁ ମଦ ଚାଲାଣ କରୁଥିବା ବେଳେ ପୋଲିସ ହାତରେ ଧରା ପଡିଥିଲେ। ଏ ସଂକ୍ରାନ୍ତରେ ଥାନାରେ ୨ଟି ମାମଲା ରୁଜୁ କରାଯାଇଛି।

# ମସ୍‌ଜିଦରେ ସାମୂହିକ ନମାଜ ପାଠ

**କଣିହାଁ, ୬।୬(ଡି.ଏନ.ଏ.)**

କଣିହାଁ ବ୍ଲକ ଏନ୍‌ଟିପିସି ପ୍ରକଳ୍ପର ଅସ୍ଥାୟୀ କଲୋନୀ ମସ୍‌ଜିଦ୍‌ରେ ମୁସଲମାନ ଭାଇମାନେ ବୁଧବାର ଇଦ୍-ଉଲ୍-ଫିତର ଉତ୍ସବ ପାଳନ କରିଛନ୍ତି। ମାସେ ଧରି ରୋଜା ପାଳନ ପରେ ଏହି ପର୍ବ ଅବସରରେ ସାମୂହିକ ନମାଜ ପାଠ ଅନୁଷ୍ଠିତ ହୋଇଥିଲା। ଅଡିଟୋରିୟମରେ ସ୍ୱତନ୍ତ୍ର ଉତ୍ସବରେ ଏନ୍‌ଟିପିସି ପ୍ରକଳ୍ପର କାର୍ଯ୍ୟନିର୍ବାହୀ ନିର୍ଦ୍ଦେଶକ ରମେଶ ବାବୁ ଭି.ଙ୍କ ସହ ଅନ୍ୟ ପଦାଧିକାରୀ, ପ୍ରକଳ୍ପ ସ୍ୱାସ୍ଥ୍ୟକେନ୍ଦ୍ର ଅଧିକାରୀ, ବିଭିନ୍ନ ଶିକ୍ଷାନୁଷ୍ଠାନ ଅଧିକାରୀ, ଶ୍ରମିକ କର୍ମଚାରୀ ସଙ୍ଗଠନର କାର୍ଯ୍ୟକର୍ତ୍ତାମାନେ ଅଂଶଗ୍ରହଣ କରି ମୁସଲମାନ ସମ୍ପ୍ରଦାୟର ସମସ୍ତଙ୍କୁ ଆଲିଙ୍ଗନ କରି ଶୁଭେଚ୍ଛା ଜଣାଇଥିଲେ। ପରେ ସଭିଏଁ ଭୋଜନ କାର୍ଯ୍ୟକ୍ରମରେ ମଧ୍ୟ ସାମିଲ ହୋଇଥିଲେ। ଏହି ଅବସରରେ ଗରିବ ଅସହାୟଙ୍କୁ ସହାୟତା ପ୍ରଦାନ କରାଯାଇଥିଲା। ପ୍ରକଳ୍ପ ଡିଜିଏମ୍ ଜାକିର ଖାନ୍, ସେକ୍ ମୁଦ୍ଦାସିର, ଖାଲାଜୀ-ଅନ୍‌ସାରୀ, ୱାରିଫ୍ ଖାନ, ଫିରମ ମହମ୍ମଦ ଉପସ୍ଥିତ ରହି କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।






Printed and published by Tathagata Satpathy on behalf of Navajat Printers & Media Pvt. Ltd. and printed at Navajat Printers, S-3/5, Industrial Estate, Angul. Published at Kunjakanta, Dhenkanal, Editor- Tathagata Satpathy, ସମ୍ପାଦକ- ତଥାଗତ ସତପଥୀ